



ଭାଇର ନିର୍ବନ୍ଧକୁ ଯାଇଥିଲେ

## ଆଇଟି କମ୍ପାନୀର ଜିଏମ୍‌ଙ୍କ ଘରୁ ୯ ଲକ୍ଷର ଗହଣା ଲୁଟ୍

ଭୁବନେଶ୍ୱର, ୧୨।୬(ସମିସ): ଗତ ୧୦ ତାରିଖରେ ସମ୍ପର୍କୀୟ ଭାଇଙ୍କ ନିର୍ବନ୍ଧକୁ ସପରିବାରେ ଯାଇଥିଲେ। ନିର୍ବନ୍ଧ ସାରି ଘରକୁ ଫେରିଲା ବେଳକୁ ଘରେ କଳାକନା ବୁଲାଇଛନ୍ତି ଲୁଟେରା। ଖାରବେଳ ନଗର ଥାନା ଅଧୀନ ୟୁନିଟ୍-୩ର ହାଉସିଂବୋର୍ଡ କଲୋନୀରେ ଏଭଳି ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଏକ ଆଇଟି କମ୍ପାନୀର ମହାପ୍ରବନ୍ଧକ ଆଶୁତୋଷ ସ୍ୱାଇଁ। ତାଙ୍କ ଠାରୁ ୯ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଛି। ଏନେଇ ସେ ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ସାପ କାମୁଡ଼ାରେ ଧରାଳି ଗୁରୁତର

ଯାଁଳା, ୧୨।୬(ସମିସ): ବୁଧବାର ଇନ୍‌ଫୋଭ୍ୟାଲି ଥାନା ଯାଁଳା ପଞ୍ଚାୟତ ଓଗାଳପଡ଼ା ମା' ଭୁଆସୁଣୀ ମନ୍ଦିର ପଛପଟେ ସାପ କାମୁଡ଼ାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ଯାଁଳା ପଞ୍ଚାୟତ ରାଧାଚରଣପୁର ଗ୍ରାମର ସୋମନାଥ ସେଠୀ। ସୋମନାଥ ସାପ ଧରିବା ସମୟରେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି। ସେ ଜଣେ ସାପଧରାଳି ଭାବେ ପରିଚିତ। ଜଣେ ବ୍ୟକ୍ତିଙ୍କ ଘରୁ ସାପକୁ ଧରିବା ପାଇଁ ଯାଇଥିଲେ। ତେବେ ଅସାବଧାନତା କାରଣରୁ ସାପଟିକୁ ତାଙ୍କୁ କାମୁଡ଼ି ଦେଇଥିଲା। ଏବେ ସେ ଗୁରୁତର ଭାବେ ଚିକିତ୍ସାଧୀନ ଅଛନ୍ତି।



ଟ୍ରାଫିକ ନିୟନ୍ତ୍ରଣ ସହ କମିବ ଦୁର୍ଘଟଣା

# ୧୫ ଛକରେ ଲାଗିବ 'କାଉଣ୍ଟଡାଉନ୍ ଟାଇମର୍'

ଭୁବନେଶ୍ୱର, ୧୨।୬(ସମିସ):

ସହରରେ ଟ୍ରାଫିକ୍ ସମସ୍ୟା ସହ ଦୁର୍ଘଟଣା ହାର ବଢ଼ିଚାଲିଛି। ଏହି ଟ୍ରାଫିକ୍ ବ୍ୟବସ୍ଥାକୁ ସୁପରିଚାଳନା ଲାଗି ରାଜଧାନୀର ୧୫ଟି ଛକରେ କାଉଣ୍ଟଡାଉନ୍ ଟାଇମର୍ ଲଗାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପରୀକ୍ଷାମୂଳକ ଭାବେ ନାଲ୍‌କୋ, ଏଜି ଓ ରୁପାଲି ଛକରେ କାଉଣ୍ଟଡାଉନ୍ ଟାଇମର ବ୍ୟବସ୍ଥାର କାର୍ଯ୍ୟକ୍ଷମ ହୋଇଛି। ସେହିପରି ଏଟିସିଏସ୍ ବ୍ୟବସ୍ଥାରେ ୫୦ ସେକେଣ୍ଡର ଟାଇମର୍ ଲଗାଯାଇଛି। ସେଇ ଟାଇମର୍ ୫୦ ସେକେଣ୍ଡରୁ ତଳକୁ ତଳ କାଉଣ୍ଟଡାଉନ୍ ହେଉଛି। ଟାଇମର୍ କେତେ ସମୟ ପରେ ଟ୍ରାଫିକ୍ ବ୍ୟବସ୍ଥା ସବୁଜ ହେବ କିମ୍ବା ନାଲି ହେବ ତାହା ଦର୍ଶାଇ ଦିଆଯାଉଛି। ଫଳରେ ହଳଦିଆ କିମ୍ବା ନାଲିକୁ ପାର୍ ହେବା ଲାଗି ଚାଳକଙ୍କ ମଧ୍ୟରେ ଲାଗୁଥିବା ପ୍ରତିଯୋଗିତାରେ ଅଙ୍କୁଶ ଲାଗୁଛି। ଟ୍ରାଫିକ ଲାଇଟ୍ ସାଇଡ୍‌ରେ ଏହାକୁ ସଂଯୋଗ କରାଯାଇଛି।



ସେପଟେ ପରୀକ୍ଷାମୂଳକ ଭାବେ ନାଲ୍‌କୋ ଛକରେ କାଉଣ୍ଟଡାଉନ୍ ଟାଇମର୍ ସଫଳ ହେବା ପରେ ଆଉ ୯ଟି ଛକରେ ଲଗାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଜି, ସୁର କମ୍ପାନି ଛକ, କ୍ୟାପିଟାଲ ହସ୍ପିଟାଲ, ପାୱାର ହାଉସ୍ ଛକ, ବେହେରା ସାହି, କଳ୍ପନା, ଡମଣା, ରୁପାଲି, ମାଷ୍ଟରକ୍ୟାଣ୍ଟିନ ଓ ସିଆର୍‌ପି ଛକରେ ଲାଗିବାକୁ ଯୋଜନା ରହିଛି। ଏସବୁ ଛକରେ ଟ୍ରାଫିକ ସମସ୍ୟା ଦେଖାଯିବା ସହ ଭିଡ଼ ହେଉଥିବା ଅଗ୍ରାଧିକାର ଦୃଷ୍ଟିରୁ ଏହାକୁ କାର୍ଯ୍ୟକ୍ଷମ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ କାଉଣ୍ଟଡାଉନ୍ ଟାଇମର୍ ସଫଳ ରୂପାୟନ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସହରର ସମସ୍ତ ୫୧ ଛକରେ କାର୍ଯ୍ୟକାରୀ କରାଯିବ ବୋଲି ବିଶେଷସୂତ୍ରରୁ ସୂଚନା ମିଳିଛି।

ଆଡପ୍‌ଟିଭ୍ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ୍ (ଏଟିସିଏସ୍) ବ୍ୟବସ୍ଥା ହୋଇଛି। ମାତ୍ର ଟ୍ରାଫିକ ପରିଚାଳନା ଲାଗି ଲାଗିଥିବା ୟଲୋ ଲାଇଟ୍ ଯୋଗୁଁ ଦୁର୍ଘଟଣା ହାର ବଢ଼ିବାରେ ଲାଗିଛି। ୟଲୋ ହେବା ପରେ ଦ୍ରୁତଗତିରେ ଗାଡ଼ି ଚଳାଉଛନ୍ତି ଚାଳକ। ଫଳରେ ଟ୍ରାଫିକ ଛକରେ ଦୁର୍ଘଟଣା ହାର ଦିନକୁଦିନ ବୃଦ୍ଧି ହେଉଛି। ଏପରିକି ଟ୍ରାଫିକ୍ ଲାଇନ୍‌ରେ ଛିଡ଼ା ହୋଇଥିବା ଚାଳକ ସବୁଜ ହେବା ପୂର୍ବରୁ ବିକଟାଳ ହର୍ଣ୍ଣ ବଜାଇରୁ ଶବ୍ଦ ପ୍ରଦୂଷଣ ହେଉଛି। ଏହି ଟାଇମର ଲାଗିବା ପରେ ଘଟୁଥିବା ଦୁର୍ଘଟଣା, ଶବ୍ଦ ପ୍ରଦୂଷଣ ଓ ତରବରିଆ ଯାତ୍ରା ହ୍ରାସ ହେବ ବୋଲି ଆଶା କରାଯାଉଛି। ଦ୍ୱୈତନଗରୀରେ ପୂର୍ବରୁ ଏହି ଟାଇମର ବ୍ୟବସ୍ଥା କରାଯାଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହାକୁ ବନ୍ଦ କରାଯାଇଥିଲା। ପରେ ଆଡପ୍‌ଟିଭ୍ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ୍‌ରେ ସେନ୍‌ସର ଓ ସମୟ ଧାର୍ଯ୍ୟର ଲଗାଯାଇ ପରିଚାଳିତ ହେଉଥିଲା। ଏଥିରେ ବି ସମସ୍ୟା ଦେଖାଯିବାରୁ ପୁଣି ଟାଇମର୍ ବ୍ୟବସ୍ଥାକୁ କାର୍ଯ୍ୟ କରାଯାଉଛି।

### 'ଅଡିଟରୀ' ବ୍ୟବସ୍ଥା ଲାଗୁ



ରାସ୍ତାରେ ଯାଉଥିବା ଦୃଷ୍ଟିବାଧିତଙ୍କ ଯିବା ଆସିବା ଅବା ରାସ୍ତା ଅତିକ୍ରମ କରିବାରେ ଯେଭଳି ଅସୁବିଧା ନ ହୁଏ, ସେଥିପାଇଁ ପ୍ରଥମକରି ଶିଶୁଭବନ ଛକରେ ପରୀକ୍ଷାମୂଳକ ଭାବେ ଅଡିଟରୀ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରାଯାଇଛି। ସେଠାରେ ଅତି ସୁରୁଖରରେ ଦୃଷ୍ଟିହୀନ ବ୍ୟକ୍ତିମାନେ ରାସ୍ତା ଅତିକ୍ରମ କରୁଛନ୍ତି। ସେଠାରେ ଅଡିଟରୀ ବ୍ୟବସ୍ଥା ସଫଳ ହେବା ପରେ ଆଉ ୫ଟି ଛକରେ ଏଜି, ରାମମନ୍ଦିର, ପାସପୋର୍ଟ ଅଫିସ, କଳ୍ପନା ଓ ବାଣୀବିହାର କାର୍ଯ୍ୟକାରୀ କରାଯିବ। ଫଳରେ ଦୃଷ୍ଟିହୀନମାନେ ରାସ୍ତା ଅତିକ୍ରମ କରିବାରେ ଆଉ ସମସ୍ୟା ଦେଖାଯିବନାହିଁ ବୋଲି ଆଶା କରାଯାଉଛି।

# ମଦନିଶାରେ ସାଙ୍ଗକୁ ମାରି ଫିଙ୍ଗିଦେଲେ ସାଙ୍ଗ

ଭୁବନେଶ୍ୱର/ନନ୍ଦନକାନନ, ୧୨।୬ (ସମିସ): ଗୋଟିଏ ଗାଡ଼ିରେ ସାଙ୍ଗ ହୋଇ ବୁଲିଲେ। ସାଙ୍ଗହୋଇ ଖିଆପିଆ କରିଲେ। ହେଲେ ମଦ ନିଶା ସବୁ ସାରିଦେଲା। ସାମାନ୍ୟ ବଚସାରୁ ବନ୍ଧୁ ସାଜିଲେ ବଇରୀ। ଦୁଇ ଜଣ ମିଶି ସାଙ୍ଗକୁ ହତ୍ୟା କରିଲେ। ଚନ୍ଦକା ଥାନା ଅନ୍ତର୍ଗତ ଚୁଡ଼ଙ୍ଗଗଡ଼ରେ ଏଭଳି ଲୋମହର୍ଷଣକାରୀ ଘଟଣା ଘଟିଛି । ମୃତକ ହେଉଛନ୍ତି ବାରଙ୍ଗ ଥାନା ଆଦିବାସୀ ବସ୍ତିର ସୁଶାନ୍ତ ଟୁଡୁ (୨୧)। ଏନେଇ ପରିବାର ପକ୍ଷରୁ ଚନ୍ଦକା ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରିଛି। ଘଟଣାରେ ସଂପୃକ୍ତ ଦୁଇ ଜଣଙ୍କୁ ପୁଲିସ ଥାନାକୁ ଉଠାଇ ଆଣି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳେ ବାରଙ୍ଗ କନକ ଦୁର୍ଗା ମନ୍ଦିର ନିକଟସ୍ଥ ଆଦିବାସୀ ସାହିର ମୋହନ ମାରାଣ୍ଡି ଓ ରାଜେନ୍ଦ୍ର ହାଁସଦା ମିଶି ସୁଶାନ୍ତ ଟୁଡୁଙ୍କ ଘରକୁ ଯାଇ ତାଙ୍କୁ ଡାକିଥିଲେ। ସୁଶାନ୍ତଙ୍କ ଗାଡ଼ିରେ ମିଶି ୩ ଜଣ ଯାକ ସେଠାରୁ ଚୁଡ଼ଙ୍ଗଗଡ଼ ଯାଇ ଖିଆପିଆ କରିଥିଲେ। ଗାଡ଼ିରୁ ତେଲ ସରିଯିବାରୁ ନିଶାସକ୍ତ ଅବସ୍ଥାରେ ପରସ୍ପର ମଧ୍ୟରେ ନେଇ ବଚସା ହୋଇଥିଲା।



### ହତ୍ୟା ମାମଲା ରୁଜୁ; ୨ ଅଟକ

### ମୃତଦେହକୁ ଜଗିଛି ପୁଲିସ

ପରବର୍ତ୍ତୀ ସମୟରେ ତାହା ଉଗ୍ରରୂପ ନେଇ ଓ ହାତାହାତି ହୋଇଥିଲେ। ରାଜେନ୍ଦ୍ର ଓ ମୋହନ ମିଶି ସୁଶାନ୍ତଙ୍କୁ ମାର୍ପିଟ୍ କରିଥିଲେ। ସେମାନଙ୍କ ଆକ୍ରମଣରେ ସୁଶାନ୍ତ ଚେତା ଶୂନ୍ୟ ହୋଇଯିବାରୁ ଉଭୟ ଜଙ୍ଗଲରୁ ପଳାଇଥିଲେ। ଅନ୍ୟ ଜଣେ ସାଙ୍ଗକୁ ଡକାଇ ପୁଣି ବାରଙ୍ଗ ଫେରି ଯାଇଥିଲେ। ସେପଟେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ସୁଶାନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ସହିତ ରାଜେନ୍ଦ୍ର ଓ ମୋହନକୁ ପଚାରିଥିଲେ। ହେଲେ କୌଣସି ପତ୍ତା ନ ମିଳିବାରୁ ସୁଶାନ୍ତ ନିଖୋଜ ଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ବାରଙ୍ଗ ଥାନା ପୁଲିସ ଏମ୍ଏମ୍ଆର (ମ୍ୟାନ ମିସିଂ ରିପୋର୍ଟ) ପଞ୍ଜିକରଣ କରି ତଦନ୍ତ କରୁଥିଲା। ଚୁଡ଼ଙ୍ଗଗଡ଼ ଜଙ୍ଗଲର ଏକ ବୁଦା ଭିତରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ବୁଧବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେପଟେ ସୁଶାନ୍ତଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପୁଅକୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ରାଜେନ୍ଦ୍ର ଓ ମୋହନକୁ ଥାନାକୁ ଉଠାଇ ଆଣିଥିଲା। ସନ୍ଧ୍ୟା ହୋଇ ଯାଇଥିବାରୁ ମୃତଦେହକୁ ଉଦ୍ଧାର କରାଯାଇ ପାରିନାହିଁ। ମୃତଦେହ ନିକଟରେ ପୁଲିସ ଟିମ୍ ଜଗି ରହିଛନ୍ତି। ଗୁରୁବାର ସାଇଣ୍ଟିଫିକ ଟିମ୍ ସହାୟତାରେ ମୃତଦେହକୁ ଉଦ୍ଧାର କରାଯିବ ବୋଲି ପୁଲିସ କହିଛି।

## କଲେଜ ଛାତରୁ ପଡ଼ି ଅଧ୍ୟାପିକା ଗୁରୁତର

ଭୁବନେଶ୍ୱର, ୧୨।୬ (ସମିସ): ମହୁରାସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟର ଛାତରୁ ପଡ଼ି ଜଣେ ଅଧ୍ୟାପିକା ଗୁରୁତର ଆହତ ହୋଇଛନ୍ତି। ଆହତ ଅଧ୍ୟାପିକା ହେଉଛନ୍ତି ବର୍ଷା ମିଶ୍ର (୨୯)। କୋଳଥିଆ ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି। ଅପରପକ୍ଷେ ବର୍ଷାଙ୍କୁ ଛାତରୁ ଠେଲି ଦିଆଯାଇଥିବା ନେଇ ତାଙ୍କ ଭାଇ ତମାଣ୍ଡୋ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ, କେନ୍ଦୁଝରର ବର୍ଷା ପ୍ରାୟ ଦୁଇ ବର୍ଷ ହେବ ମହୁରା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସ ବିଭାଗର ଅଧ୍ୟାପିକା ଭାବେ କାମ କରୁଛନ୍ତି। ସେ କିଛିଦିନ ହେବ ନିୟମିତ କ୍ଲାସ କରୁ ନ ଥିବାରୁ ବିଭାଗୀୟ ମୁଖ୍ୟ ତାଙ୍କୁ ତାଗିଦ୍ କରିଥିଲେ। ଏମିତିକି ସୋମବାର ମିଟିଂରେ ମଧ୍ୟ ଯୋଗ ଦେଇ ନ ଥିଲେ। ଏହାକୁ ନେଇ ମଙ୍ଗଳବାର ମଧ୍ୟାହ୍ନ ସମୟରେ କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ତାଙ୍କୁ ପାଟି କରିଥିଲେ। ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟା ୪୦ ସମୟରେ ବର୍ଷା କଲେଜ ପରିସରରେ ଥିବା ଏକ ଦୁଇ ମହଲା ଛାତରୁ ପଡ଼ି ଯାଇଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରିଛି। କଲେଜକୁ ଯାଇ ପଚରାଉଚରା କରିବା ସହିତ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ତଦନ୍ତ କରୁଛି ।

■ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

## ଶିଶୁକନ୍ୟାଙ୍କୁ ଚେଙ୍କ; ମହିଳା ଅଟକ

ଭୁବନେଶ୍ୱର, ୧୨।୬(ସମିସ): ଗୋଟିଏ ପଟେ ଶିଶୁଶ୍ରମିକ ପରି କୁତ୍ସିତ ବ୍ୟବସ୍ଥାକୁ ବନ୍ଦ କରିବା ଲାଗି ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ଲୋକଙ୍କୁ ସଚେତନ ମଧ୍ୟ କରାଯାଉଛି। ମାତ୍ର ଅନେକ ସମୟରେ ଶିଶୁଙ୍କ ଅଧିକାର ଛଡ଼ାଇ ନିଆଯିବା ସହ ସେମାନଙ୍କୁ ନିର୍ଯାତନା ଦିଆଯିବା ଭଳି ଦୁଃଖଦାୟକ ଘଟଣା ସାମ୍ନାକୁ ଆସୁଛି। ଯାହାର ଆଉ ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଭୁବନେଶ୍ୱରରେ। ବୁଧବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ବେଳେ ଜଣେ କନ୍ୟା ଶିଶୁ ଶ୍ରମିକ ଉପରେ କ୍ରୁର୍ ଅକଥନୀୟ ଅତ୍ୟାଚାର ଘଟଣା ପଦାକୁ ଆସିଛି। ୧୧ ବର୍ଷ ବୟସରେ କଲମ ଧରି ନିଜ ଭାଗ୍ୟ ଲେଖିବା ବଦଳରେ ସେ ହେଉଛନ୍ତି ନିର୍ଯାତନାର ଶିକାର।



ସୂଚନା ଅନୁଯାୟୀ, ଏକ ଆଦିବାସୀ କନ୍ୟାଙ୍କୁ ବିପିନ ଦିଗାଲ ଓ ଅନୁସା ଦିଗାଲଙ୍କ ଜରିଆରେ ଘରୋଇ ସହାୟିକା ଭାବେ ଭାବେ ଭୁବନେଶ୍ୱର ଆସୁଥିଲେ। ଦୀର୍ଘ ୧୦ମାସ ହେବ ନିୟୁ ଗଜପତିନଗରସ୍ଥିତ ଗଭର୍ଣ୍ଣମେଣ୍ଟ କଲୋନୀର ଏକ ଫ୍ଲାଟରେ ରହୁଥିବା ବଳଭଦ୍ର ବାରିକ ଓ ତାଙ୍କ ପତ୍ନୀ କିରଣବାଳା ବାରିକ ନିଜ ଘରେ ନିଯୁକ୍ତି ଦେଇଥିଲେ। କାମରେ ଅବହେଳା ହେତୁ ଶିଶୁଟି ଉପରେ ଅକଥନୀୟ ଭାବେ ଅତ୍ୟାଚାର କରାଯାଉଥିଲା। ତା'ର ପେଟରେ ଓ ହାତରେ ଗରମ ପ୍ରେସର୍ କୁକର ଦ୍ୱାରା ଚେଙ୍କ ମରାଯାଇ ବଡ଼ ବଡ଼ ପୋଡ଼ା ଘା' ହୋଇଯାଇଥିଲା। କେବଳ ସେତିକି ନୁହେଁ ବେଲଣା କାଠି ମାଧ୍ୟମରେ ବାଡ଼େଇ ତା'ର ଆଖି ଓ ମୁହଁ ଉପରେ ଶକ୍ତ ଆଘାତ କରାଯାଇଛି। ଏବିଷୟରେ ପିଲାଟି କାନ୍ଦି କାନ୍ଦି ଜଣେ ପଡ଼ୋଶୀଙ୍କୁ କହିବାରୁ ସେ ତାକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ସ୍ଥାନୀୟ ସିଡିପିଓଙ୍କୁ ଜଣାଇ ଥିଲେ।

ସିଡିପିଓଙ୍କ ଠାରୁ ଖବର ପାଇ ରୁଚିକା ସମାଜ ମଙ୍ଗଳ ସଂଗଠନର ଅକ୍ସେସ୍ ଟୁ ଜଷ୍ଟିସ ଫର୍ ଚିଲଡ୍ରେନ୍‌ର ଟିମ୍ ମେମ୍ବର ହରପ୍ରିୟା ପତି, ଘନଶ୍ୟାମ ଭୋଇ, ଅଜୟ କୁମାର ମହାରଣା ଓ ଶିବାନୀ ନାୟକ ଶିଶୁ ଶ୍ରମିକଟିକୁ ଉଦ୍ଧାର କରି ମୈତ୍ରୀ ବିହାର ଥାନାରେ ଅଭିଯୋଗ କରିଛନ୍ତି। ନିର୍ଯାତନା ଦେଇଥିବା ସମ୍ପୃକ୍ତ ମହିଳା ଲିପିକା ରଞ୍ଜିତା ସାହୁଙ୍କୁ ମୈତ୍ରୀବିହାର ଥାନା ପୁଲିସ ଅଟକ ରଖି ପଚରାଉଚରା କରୁଛି।

## ଆଗକୁ ରଜ; ଆସିଲା 'ପାବାର୍'

ଭୁବନେଶ୍ୱର, ୧୨।୬(ସମିସ): ଭୁବନେଶ୍ୱରସ୍ଥିତ ସ୍ୱାତୀ ଓ ମହାରାଜା ସିନେମା ହଲ୍‌ରେ ବାବୁସାନ ଫିଲ୍ମ ପ୍ରଡକ୍ସନର 'ପାବାର' ସିନେମାର ପ୍ରିମିୟର ସୋ ଅନୁଷ୍ଠିତ ହୋଇଯାଇଛି। ରଜ ଉପଲକ୍ଷେ ରିଲିଜ୍ ହୋଇଥିବା ଏହି ସିନେମା ରାଜ୍ୟର ୫୦ଟି ହଲ୍‌ରେ ବୁଧବାର ମୁକ୍ତିଲାଭ କରିଛି। ତୃପ୍ତି ଶତପଥୀଙ୍କ ପ୍ରଯୋଜିତ ଓ ଅଶୋକ ପତିଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଓଲିଉଡ୍ ସୁପର୍‌ଷ୍ଟାର୍ ବାବୁସାନ ଓ ଏଲିନା। ଦୀର୍ଘ ୮ ବର୍ଷ ପରେ ଏହି ଦୁହିଁଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିଛି। ଅନ୍ୟାନ୍ୟ ପ୍ରମୁଖ ଚରିତ୍ରରେ ବରିଷ୍ଠ ଅଭିନେତ୍ରୀ ଅପରାଜିତା ମହାନ୍ତି, ଜୟପ୍ରକାଶ ଦାଶ, କ୍ରିଷ୍ଣା କର, ସୋମୁ, ବବି ମିଶ୍ର, ପପୁ ପମ୍‌ପମ୍, ଅଭିନେତା ରବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ଏକ ସତ୍ୟ ଘଟଣାକୁ ଆଧାର କରି ଫିଲ୍ମ 'ପାବାର' ନିର୍ମିତ ହୋଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ।



# ଭୁବନେଶ୍ୱରର ୫ ସ୍ଥାନରେ ଡେଙ୍ଗୁ ପରୀକ୍ଷା

ଭୁବନେଶ୍ୱର, ୧୨।୬(ସମିସ):

ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରିବା ପାଇଁ ରାଜଧାନୀର ୫ଟି ସ୍ଥାନରେ ଏଲିସା ପରୀକ୍ଷା କରାଯାଉଛି। ଏମ୍ସ, କ୍ୟାପିଟାଲ ହସ୍ପିଟାଲ, ଆରଏମ୍ଆର୍‌ସି, ପଟିଆ ଏବଂ ଆଇଆର୍‌ସି ଭିଲେଜ୍‌ସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଲିସା ପରୀକ୍ଷା ଆରମ୍ଭ ହୋଇଛି। ଡେଙ୍ଗୁ ପରୀକ୍ଷା ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଉ ଥିବାରୁ ପ୍ରତ୍ୟେକ ସନ୍ଦିଗ୍ଧ ରୋଗୀଙ୍କ ଏହି ପରୀକ୍ଷା କରାଯିବ। ଏହା ମଧ୍ୟରେ ରାଜଧାନୀରେ କିଛି ଲୋକଙ୍କ ଏଲିସା ପରୀକ୍ଷା ହୋଇଥିଲା ବେଳେ ସରକାରୀସ୍ତରରେ ଏବେ ପର୍ଯ୍ୟନ୍ତ କୌଣସି ଜଣେ ବି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ନ ଥିବା ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।



ସେହିପରି ମଶାବଂଶ ବୃଦ୍ଧି ରୋକିବା ସହ କେଉଁଠାରେ ପାଣି ଜମୁଛି, କେଉଁ କେଉଁ ସ୍ଥାନରେ ମଶାଧୂଆଁ ଦିଆଯିବ ଏବଂ କେଉଁଠାରେ ମଶା ତେଲ ସ୍ପ୍ରେ ହେବ ସେସବୁ ସ୍ଥାନ ଚିହ୍ନଟ କରିବାକୁ କୁହାଯାଇଛି। ଏନେଇ ସର୍ଭେ ଶେଷ ହୋଇଛି। ପୂର୍ବରୁ ଚିହ୍ନଟ ହୋଇଥିବା ଡେଙ୍ଗୁ ହଟ୍‌ସ୍ପଟ୍ ବ୍ୟତୀତ ନୂତନ ଭାବେ କିଛି ଅଞ୍ଚଳକୁ ଯୋଡ଼ାଯିବ ବୋଲି କୁହାଯାଇଛି। ଖାଲି ସେତିକି ନୁହେଁ, ଯେଉଁସ୍ଥାନରେ ଘାସ ରହିଛି, ତୁରନ୍ତ ସେସ୍ଥାନରୁ ଘାସକାଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆସନ୍ତା ୨ ଦିନ

### ୨ ଦିନ ମଧ୍ୟରେ ଟାୟାର ଲିଫ୍ଟିଂ

### ବର୍ଷା ପରେ ଛଡ଼ାଯିବ ଗାମ୍ବୁସିଆ ମାଛ

ମଧ୍ୟରେ ଭୁବନେଶ୍ୱରରୁ ଟାୟାର ଲିଫ୍ଟିଂ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ବିଭିନ୍ନ ଜୋନକୁ ନିର୍ଦ୍ଦେଶ ଦିଆଯାଇଛି। ୱାର୍ଡସ୍ତରରେ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ, ସଫେଇ କର୍ମୀ ଘର ଘର ବୁଲି ଟାୟାର ଯାଞ୍ଚ କରିବେ। ଯଦି ଘର ବାହାରେ ଟାୟାର ଦେଖିବାକୁ ମିଳିବ ବିଏମ୍‌ସି ଏହାକୁ ଜବତ କରିନେବ। ଏହା ସହିତ ଘର ବାହାରେ, ଛାତ ଉପରେ, ଖାଲି ସ୍ଥାନରେ ପଡ଼ିଥିବା ଟାୟାରକୁ ହଟାଇ ଦେବାକୁ ନେଇ ଜନ ସଚେତନତା କରାଯିବ। ସେହିପରି ବିଏମ୍‌ସିର ପ୍ରତ୍ୟେକ ଅଧିକାରୀ ବିଭିନ୍ନ ବିଦ୍ୟାଳୟକୁ ଯାଇ ପିଲାଙ୍କୁ ଟାୟାର, ଭଙ୍ଗା ଡବା, ପାତ୍ର, ସମ୍ବେଦନଶୀଳ ସ୍ଥାନ ଇତ୍ୟାଦି ପ୍ରଦର୍ଶନ କରି ଭଲଭାବେ ବୁଝାଇବେ।

ଅନ୍ୟପକ୍ଷରେ ବର୍ଷା ଆରମ୍ଭ ହେବା ପରେ ଯେଉଁ ସ୍ଥାନରେ ସିମେଣ୍ଟ ଚଟାଣ ରହିଛି ଏବଂ ପାଣି ଜମୁଛି ସେହି ସ୍ଥାନରେ ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯିବ। ଏଥି ସହିତ ବର୍ତ୍ତମାନ ରାଜଧାନୀର ୨ସ୍ଥାନରେ ଗାମ୍ବୁସିଆ ମାଛ ଛଡ଼ାଯାଇଥିବା ବେଳେ ବର୍ଷା ପରେ ଅନ୍ୟାନ୍ୟ ସ୍ଥାନରେ ଏହି ମାଛ ଛଡ଼ାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ମାଛ ମଶାଙ୍କ ଲାର୍ଭାକୁ ଖାଇଦେବ। ଫଳରେ ସହରରେ ମଶା ବଂଶ ବୃଦ୍ଧିକୁ ରୋକାଯାଇ ପାରିବ ବୋଲି କୁହାଯାଇଛି।

## ରକ୍ତ ଦେଇ ଫେରୁଥିଲେ; ସୁନା ଚେନ ଝାମ୍ପିନେଲେ

ଭୁବନେଶ୍ୱର, ୧୨।୬ (ସମିସ): ରାଜଧାନୀରେ ପୁଣି ମାତିଲେ ଲୁଟେରା। ପରୀକ୍ଷା ପାଇଁ ରକ୍ତ ଦେଇ ଫେରୁଥିବା ବେଳେ ସୁନା ଚେନ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଖାରବେଳ ନଗର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଏନେଇ ମହିଳା ବରିଷ୍ଠ ନାଗରିକ ଟିକେ ବାମାସୁନ୍ଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ମଧୁସୂଦନ ନଗର ଅଞ୍ଚଳର ଟିକେ ବାମାସୁନ୍ଦର ସକାଳ ପ୍ରାୟ ସାଢେ ସାତଟା ସମୟରେ ରକ୍ତ ପରୀକ୍ଷା କରାଇବାକୁ ଏକ ଘରୋଇ କ୍ଲିନିକକୁ ଯାଇଥିଲେ। ସେଠାରୁ ରକ୍ତ ଦେଇ ଫେରୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ପଲ୍ସର ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ ଓ ମଙ୍ଗଳସୂତ୍ର ଛଡ଼ାଇ ନେଇଥିଲେ। ଏନେଇ ସେ ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି। ପ୍ରାୟ ୪୦ ଗ୍ରାମ୍ ଓଜନର ସୁନା ଲୁଟ୍ ହୋଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ରାସ୍ତାରେ ମାଡୁଛି ଡ୍ରେନ୍ ପାଣି

## ଡେଙ୍ଗୁକୁ ଆମନ୍ତ୍ରଣ କରୁଛି ବିଏମ୍‌ସି

ଭୁବନେଶ୍ୱର, ୧୨।୬(ସମିସ): ପାତ୍ରପଡ଼ା 'ମୋ ବସ୍‌ଷ୍ଟାଣ୍ଡ'ଠାରେ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ଧରି ଡ୍ରେନ ସମସ୍ୟା ଲାଗି ରହିଛି। ଡ୍ରେନରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଥିବାରୁ ଏଥିରୁ ଅପରିଷ୍କାର ପାଣି ଲିକ୍ ହୋଇ ରାସ୍ତାରେ ମାଡୁଛି। ସ୍ଥାନୀୟ ବାସିନ୍ଦା ଏବଂ ଯାତ୍ରୀମାନେ ସେହି ବାଟ ଦେଇ ଗଲାବେଳେ ପାଣି ଲିକ୍‌ରୁ ବାହାରୁ ଥିବା ଦୁର୍ଗନ୍ଧର ଶିକାର ହେଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହି ଡ୍ରେନ ସମସ୍ୟାର ସମାଧାନ ହୋଇ ପାରୁ ନାହିଁ। ଡ୍ରେନ ଅଧା ପନ୍ତରିଆ ଭାବେ ନିର୍ମାଣ ହୋଇ ପଡ଼ି ରହିଛି। ଡ୍ରେନରୁ ବାହାରୁ ଥିବା ପାଣି ପାଖାପାଖି ଶହେ ମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ରହିଛି। ଏଥିରୁ ଯେଉଁ ଅପରିଷ୍କାର ପାଣି ବାହାରୁଛି ସେଥିରୁ ମଶାମାନଙ୍କ ପ୍ରଜନନ ବୃଦ୍ଧି ପାଇଁ ଏକ ପ୍ରମୁଖ ସ୍ଥାନ ପାଲଟିଛି। ଡେଙ୍ଗୁ ଓ ମ୍ୟାଲେରିଆ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ରହୁଛି। ଯାତ୍ରୀମାନେ ପ୍ରତିଦିନ ଏହି ଦୂଷିତଜଳରେ ପାଦରଖି ଯାତ୍ରା କରିବାକୁ ବାଧ ହେଉଛନ୍ତି। ମୌସୁମୀ ଯେତିକି ପାଖେଇ ଆସୁଛି ସମସ୍ୟା ଆହୁରି ବିଗିଡ଼ିବାର ଆଶଙ୍କା ରହୁଛି। ସହରରେ ବର୍ତ୍ତମାନ ସମୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି। ଯଦି ଡ୍ରେନ ସମସ୍ୟାର ସମାଧାନ ନହୁଏ ତେବେ ଏଭଳି ସ୍ଥାନରୁ ମଶାମାନଙ୍କ ଉତ୍ପତ୍ତି ବଢ଼ିବାର ସମ୍ଭାବନା ରହିଛି। ଏହି ବସ୍ ଷ୍ଟାଣ୍ଡ ପାଖରେ ଥିବା ଦୋକାନୀ ଜଣେ କହିଛନ୍ତି, ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ଧରି ଏହି ସମସ୍ୟା ଲାଗି ରହିଛି। ଡ୍ରେନ ଅଧା ପାନ୍ତରିଆ ଭାବରେ ପଡ଼ିରହିଛି। ଏହି ଅପରିଷ୍କାର ପାଣିର ଦୁର୍ଗନ୍ଧ ଫଳରେ ଗ୍ରାହକମାନେ ଦୋକାନ ପାଖକୁ ଆସିବାକୁ କୁଣ୍ଠାବୋଧ କରୁଛନ୍ତି। ଏବଂ ଏହା ପ୍ରତ୍ୟେକ୍ଷ ଭାବରେ ଜୀବିକା ଉପରେ ପ୍ରଭାବ ପକାଉଛି। ଏହି ବସ୍ ଷ୍ଟାଣ୍ଡ ଦେଇ ନିତି ଦିନିଆ ଯାତ୍ରା କରୁଥିବା ଜଣେ ଯାତ୍ରୀ କହିଛନ୍ତି, ପ୍ରତିଦିନ ବସ୍‌କୁ ଅପେକ୍ଷା କରିବା ସମୟରେ ଆମକୁ ନାକ ଘୋଡ଼ାଇବାକୁ ପଡ଼ିଥାଏ। ଏହି ଅପରିଷ୍କାର ପାଣିରେ ଚାଲି ପ୍ରତିଦିନ ବସ ଯାତ୍ରା କରିବାକୁ ବାଧ ହେଉଛୁ। ବିଏମ୍‌ସି କର୍ତ୍ତୃପକ୍ଷ ଏହା ପ୍ରତି ଧ୍ୟାନ ଦେବା ଉଚିତ। ପାତ୍ରପଡ଼ା ଅଞ୍ଚଳର ସ୍ଥାନୀୟ ବାସିନ୍ଦା ଓ ଏହି ବସ୍ ଷ୍ଟପରୁ ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀମାନେ କହିଛନ୍ତି ଡ୍ରେନ୍ ସମସ୍ୟାର ତୁରନ୍ତ ସମାଧାନ ବିଏମ୍‌ସି ପକ୍ଷରୁ କରାଯାଉ।



# ମଞ୍ଚରେ ୭ କେନ୍ଦ୍ରମନ୍ତ୍ରୀ, ୯ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨ ।୬ (ସମିସ):

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶପଥ ଗ୍ରହଣ ଉତ୍ସବ ଅବସରରେ ଯୋଗ ଦେବାକୁ ଭୁବନେଶ୍ୱରରେ ଜମିଛି ଦେଶର ବହୁ ଭିଭିଆଇପିଙ୍କ ଭିଡ଼। ରାଜରାସ୍ତାରେ ଦିନ ତମାମ୍ ଭିଭିଆଇପିଙ୍କ କାର୍‌କେଡ୍ ଗଡ଼ୁଥିବା ଦେଖିବାକୁ ମିଳିଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଠାରୁ ଆରମ୍ଭ କରି, ରାଜଭବନ ଏବଂ ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଭିଭିଆଇପିଙ୍କ ସୁରକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି ଭିଡ଼ ନିୟନ୍ତ୍ରଣ ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଥିଲା। ଅନ୍ୟପକ୍ଷରେ ଏତେ ସଂଖ୍ୟକ ଭିଭିଆଇପି ଭୁବନେଶ୍ୱରରେ ଏକତ୍ର ହେବା ଲୋକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଅଧିକାଂଶ ଭିଭିଆଇପି ବିମାନବନ୍ଦରରେ ପହଞ୍ଚିବା ପରେ ରାଜଭବନ ଯାଇଥିଲେ। ରାଜ୍ୟପାଳଙ୍କୁ ଭେଟି ପରେ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ରାଜଧାନୀରେ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବରେ ବହୁ କେନ୍ଦ୍ରମନ୍ତ୍ରୀ ଏବଂ ବିଜେପି ଶାସିତ ରାଜ୍ୟର ୯ ଜଣ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ଗୃହମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସଡ଼କ ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଦେଖିବାକୁ ମିଳିଥିଲା। ସେହିପରି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ଧାମୀ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ପ୍ରମୁଖ ଶପଥ ସମାରୋହରେ ସାମିଲ ହୋଇଥିଲେ।

## ଶପଥ ସମାରୋହ: କିଛି କଥା, କିଛି ଦୃଶ୍ୟ

### ■ ସବୁଠୁ ଶୀର୍ଷରେ ସୂରଜଙ୍କ କ୍ରେଜ୍

ଆଜି ଶପଥ ଗ୍ରହଣ ସମାରୋହରେ ଜଣେ ପରେ ଜଣେ ମନ୍ତ୍ରୀ ଆସି ପଦ ଓ ଗୋପନୀୟତାର ଶପଥ ନେଉଥାନ୍ତି। ପ୍ରଥମେ ୮ ଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଶପଥ ନେବା ପରେ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ପାହ୍ୟାର ମନ୍ତ୍ରୀମାନଙ୍କର ଶପଥ ଗ୍ରହଣ ଆରମ୍ଭ ହେଲା। ଯଶୀପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ପରେ ଶପଥ ଗ୍ରହଣ ପାଇଁ ଆସିଲେ ଧାମନଗରର ଚର୍ଚ୍ଚିତ ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୂରଜ। ସୂରଜଙ୍କ ଆସିବା କ୍ଷଣି ହଠାତ୍ ସମାରୋହ ସ୍ଥଳ ଜିନ୍ଦାବାଦ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଲା। ସୂରଜ ଶପଥ ପାଠ ଆରମ୍ଭରୁ ଶେଷ ଯାଏଁ ସଭାସ୍ଥଳ କୋଳାହଳ ମୟ ଉଠିଥିବା ବେଳେ କେନ୍ଦ୍ରୀୟ ନେତୃତ୍ୱଙ୍କ ଦୃଷ୍ଟି ଆପେଆପେ ସୂରଜଙ୍କ ଆଡ଼କୁ ଟାଣି ହୋଇ ଯାଇଥିଲା। ସମସ୍ତେ କହୁଥିଲେ ସୂରଜ ବାପାଙ୍କ ନାମ ରଖିବ। ଲମ୍ବା ଦୌଡ଼ର ଘୋଡ଼ା ହେବ।

### ■ ନେତା-ପ୍ରଶାସକ-ଜନତାଙ୍କ ଧାଡ଼ିବିଜେ

ଶପଥ ଗ୍ରହଣ ସମାରୋହ ସ୍ଥଳରେ ନିର୍ମିତ ୧ ନମ୍ବର ଗେଟ୍ ଆଜି ଖୁବ୍ ଚର୍ଚ୍ଚା ସାଉଁଟିଥିଲା। ରାଜ୍ୟ ପ୍ରଶାସନକୁ ଚଳାଉଥିବା ପାୱାରଫୁଲ୍ ବ୍ୟୁରୋକ୍ରାଟଙ୍କଠାରୁ ଆରମ୍ଭ କରି ନବ ନିର୍ବାଚିତ ବିଧାୟକ, ସାଂସଦ ସମସ୍ତେ ଏହି ଗେଟ୍ ଦେଇ ସଭାସ୍ଥଳକୁ ପ୍ରବେଶ କରିଥିଲେ। ସେହିବାଟ ଦେଇ ସାମ୍ବାଦିକ ଏବଂ ବିଜେପି କାର୍ଯ୍ୟକର୍ତ୍ତା ମଧ୍ୟ ସଭାସ୍ଥଳକୁ ପ୍ରବେଶ କରିଥିଲେ। ନେତା, ଜନତା, ପ୍ରଶାସକଙ୍କ ଏହି 'ଧାଡ଼ିବିଜେ'କୁ ନେଇ ଉପସ୍ଥିତ ଲୋକେ ବେଶ୍ ଟୀକା ଟିପ୍ପଣୀ କରୁଥିବାର ଦେଖିବାକୁ ମିଳିଥିଲା।

### ■ ବୁଲି ବୁଲି ସମସ୍ତଙ୍କୁ ଭେଟିଲେ ମୋହନ



ଶପଥ ଗ୍ରହଣ ସ୍ଥଳରେ ଆଜି ସମସ୍ତଙ୍କୁ ବୁଲି ବୁଲି ଭେଟୁଥିଲେ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପ୍ରଥମେ ସାମ୍ବାଦିକଙ୍କ ପାଇଁ ହୋଇଥିବା ଗ୍ୟାଲେରୀକୁ ମୋହନ ଆସିଥିଲେ। ସାମ୍ବାଦିକମାନେ ମୋହନଙ୍କ ସହ ସେଲ୍‌ଫି ନେବା ସହ ଅଭିନନ୍ଦନ ଜଣାଇଥିଲେ। ଏହାପରେ ସେ ଉପସ୍ଥିତ ସମର୍ଥକଙ୍କ ଗହଣକୁ ଯାଇ ସେମାନଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ମୋହନଙ୍କ ଏପ୍ରକାରର ବ୍ୟବହାରକୁ ନେଇ ସମସ୍ତେ ବେଶ୍ ଖୁସି ପ୍ରକଟ କରିଥିଲେ।

### ■ ସାଧୁସନ୍ଥଙ୍କ ମେଳି, ଆଶୀର୍ବାଦ ନେଲେ ମୋହନ

ଆଜି ଶପଥ ଗ୍ରହଣ ସମାରୋହ ସ୍ଥଳରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ବହୁ ମାନ୍ୟଗଣ୍ୟ ଅତିଥିଙ୍କ ସହ ସମାରୋହରେ ନିମନ୍ତ୍ରିତ ସାଧୁସନ୍ଥ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୋହନ ଚରଣ ମାଝୀ ପ୍ରଥମେ ଆସି ସାଧୁସନ୍ଥଙ୍କ ଆଶୀର୍ବାଦ ନେଇଥିଲେ। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଞ୍ଚରେ ପହଞ୍ଚିବା ପରେ ମଧ୍ୟ ସାଧୁସନ୍ଥଙ୍କୁ ନିଜର ପ୍ରଣାମ ଜଣାଇଥିଲେ। ଦୂରରୁ ଥାଇ ସାଧୁସନ୍ଥମାନେ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ନିଜର ଆଶୀର୍ବାଦ ପ୍ରଦାନ କରୁଥିବାର ଦେଖିବାକୁ ମିଳିଥିଲା।

### ■ ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳ

ଶପଥ ଗ୍ରହଣ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ, କ୍ୟାବିନେଟ ଓ ରାଷ୍ଟ୍ରମନ୍ତ୍ରୀଙ୍କ ସହ ସମସ୍ତ ବିଜେପି ବିଧାୟକ ପୁରୀ ଗସ୍ତରେ ଯାଇଛନ୍ତି। ଏଥିପାଇଁ ଶ୍ରୀକ୍ଷେତ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଥମ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତାକାଲି ମଙ୍ଗଳ ଆଳତୀ ପରେ ସରକାରଙ୍କ ଉପସ୍ଥିତିରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବ। ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ପରେ ଭକ୍ତମାନେ ସୁରୁଖୁରୁରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ।



## ବ୍ୟାଗ୍ ପାଇଁ ପଶି ପାରିଲେନି ଶୁଭେଚ୍ଛୁ ଓ ସମର୍ଥକ

ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶୁଭେଚ୍ଛୁ ଓ ସମର୍ଥକଙ୍କ ସୁଅ ଛୁଟିଥିଲା। ବ୍ୟାପକ ଟ୍ରାଫିକ୍ କଟକଣା ପାଇଁ ବହୁ ଦୂରରେ ସେମାନେ ଗାଡ଼ି ପାର୍କିଂ କରିଥିଲେ। ସେଠାରୁ ଚାଲିଚାଲି ଆସିବା ମଧ୍ୟରେ ମନରେ ଥିବା ଉତ୍ସାହ ବାରିହୋଇ ପଡୁଥାଏ। ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବକୁ ପାଖରୁ ଦେଖିବା ପାଇଁ ଉତ୍ସୁକତାର ସହ ସଭାସ୍ଥଳ ନିକଟରେ ପହଞ୍ଚିଥିଲେ। ହେଲେ ପୁଲିସ୍ କରିଥିବା ସୁରକ୍ଷା ବ୍ୟାରିକେଡ୍ ନିକଟରେ ଅଟକି ଯାଉଥିଲେ। କାରଣ ହାତରେ ଥିଲା ଖଣ୍ଡେ ବ୍ୟାଗ୍। ସଭାସ୍ଥଳ ଭିତରକୁ ବ୍ୟାଗ୍ ନେବାକୁ ଅନୁମତି ମିଳୁ ନଥିବାରୁ ଇଚ୍ଛା ସତ୍ତ୍ୱେ ଭିତରକୁ ଯାଇପାରିଲେ ନାହିଁ। ସୁରକ୍ଷା ପାଇଁ ବ୍ୟାଗ୍ ଯାଞ୍ଚ ପରେ ଅନୁମତି ଦେବାକୁ ଅନେକ ଅନୁରୋଧ କରୁଥିଲେ ବି ଅନୁମତି ମିଳି ନ ଥିଲା। ଫଳରେ କିଛି ଲୋକ ବ୍ୟାରିକେଡ୍‌ରେ ବ୍ୟାଗ୍ ଟାଙ୍ଗି ଭିତରକୁ ଯାଉଥିବା ବେଳେ ଅନେକ ବାହାରେ ରହି କିଛି ସମୟ ସଭାସ୍ଥଳ ଆଡ଼କୁ ଚାହୁଁଥିଲେ। ବ୍ୟାଗ୍‌ରେ ମୂଲ୍ୟବାନ ଜିନିଷ ଥିବାରୁ କ'ଣ କରିବେ ସନ୍ଧିହାନ ହେଉଥିଲେ। ପ୍ରବଳ ଜନଗହଳି ଓ ୨/୩ କିଲୋମିଟର ଦୂର ଗାଡ଼ି ନିକଟକୁ ଯାଇ ବ୍ୟାଗ୍ ଛାଡ଼ି ଆସିବା ମଧ୍ୟ ସମ୍ଭବପର ନ ଥିଲା। ବ୍ୟାଗ୍ ପ୍ରବେଶ ଅନୁମତି ନ ଥିବା କାହିଁକି ପୂର୍ବରୁ ସେମାନଙ୍କୁ ଅବଗତ କରାଗଲା ନାହିଁ ବୋଲି ଅନେକେ ପ୍ରଶ୍ନ କରିଥିଲେ।

## କାନ୍ଧରେ ଗେରୁଆ ଗାମୁଛା, ମୁହଁରେ ନବୀନ ପ୍ରଶସ୍ତି



କାନ୍ଧରେ ଗେରୁଆ ଗାମୁଛା, ମାତ୍ର ମୁହଁରେ ନବୀନ ପ୍ରଶସ୍ତି। ଅବିଶ୍ୱାସ୍ୟ ହେଲେ ବି ଜନତା ମଇଦାନରେ ଦେଖିବାକୁ ମିଳିଛି ଏହି ଦୃଶ୍ୟ। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହୋଇ ପାରିନାହାନ୍ତି, ଏ କଥା ଅନେକ ବିଶ୍ୱାସ କରିପାରୁ ନାହାନ୍ତି। ନୂଆ ମୁଖ୍ୟମନ୍ତ୍ରୀ ମୋହନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିବା ଅନେକ ବିଜେପି କର୍ମୀ ନିଜ ଦଳ ସରକାର ଗଠନରେ ଅତ୍ୟଧିକ ଉତ୍ସାହିତ ହୋଇଥିବା ଦେଖାଯାଇଥିଲେ ହେଁ ସେମାନଙ୍କ ମନରେ ନବୀନଙ୍କ ପ୍ରତି ରହିଥିବା ଦୁର୍ବଳତା ସ୍ପଷ୍ଟ ହୋଇ ଯାଇଛି। ଏପରିକି ଅନେକ କଥା ପ୍ରସଙ୍ଗରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ବୋଲି ସମ୍ବୋଧନ କରୁଥିବା ମଧ୍ୟ ଦେଖାଯାଇଛି। ଦୀର୍ଘ ୨୫ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଗାଦିରେ ବସିଥିବା ଧୋବ ଫରଫର ପୋଷାକ ଭିତରେ ଡେଙ୍ଗା ଲୋକଟା ଆକସ୍ମିକ ଭାବରେ ପୂର୍ବତନ ମୁଖ୍ୟମନ୍ତ୍ରୀରେ ପରିଣତ ହୋଇ ଯାଇଛନ୍ତି। ନବୀନଙ୍କ ନାଁ ପୂର୍ବରୁ ପୂର୍ବତନ ପଦଟା ଯୋଡ଼ିବାକୁ ଅନେକଙ୍କ ଜିଭ ଲେଉଟି ନାହିଁ।

ସମ୍ଭବତଃ ସାରା ଦେଶରେ ଏମିତି କୌଣସି ରାଜ୍ୟ ନ ଥିବ, ଯେଉଁଠି ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ ଉତ୍ସବକୁ ଆସିଥିବା ଲୋକମାନେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ଗାନ କରିଥିବେ। ଓଡ଼ିଶାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକମାତ୍ର ଲୋକ ଯାହାଙ୍କ ପଦ ଯିବା ପରେ ମଧ୍ୟ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ଚା' ଖଟି ପର୍ଯ୍ୟନ୍ତ ଏବେ ବି ଚର୍ଚ୍ଚାର ଶୀର୍ଷରେ ରହିଛନ୍ତି। ତାଙ୍କ ଲୋକପ୍ରିୟତା ଓ ଲୋକମାନଙ୍କର ତାଙ୍କ ପ୍ରତି ଥିବା ଅଗାଧ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଏବେ ବି ଅତୁଟ ରହିଛି। ବିଗତ ୨୪ବର୍ଷ ଧରି ଓଡ଼ିଶାବାସୀଙ୍କ ପାଇଁ ସେ ମୁଖ୍ୟମନ୍ତ୍ରୀ ଭାବେ ଏକାଧିକ ଯୁଗାନ୍ତକାରୀ ଯୋଜନା ଆଣିଛନ୍ତି। ଯେଉଁଥିରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ଉପକୃତ ହୋଇଛନ୍ତି। ପିଲା ଜନ୍ମ ହେବାଠାରୁ ବୟସ୍କଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଗରିବ ଓ ସାଧାରଣ ଲୋକମାନଙ୍କ ପାଇଁ ଲୋକାଭିମୁଖୀ ଯୋଜନାମାନ କରି ସେ ବେଶ ଜନପ୍ରିୟ ହୋଇପାରିଥିଲେ। ତାଙ୍କ ବାପା ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶାସନ ଦେଖିଥିବା ଲୋକମାନେ ନବୀନ ପଟ୍ଟନାୟକଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ଭଲ ପାଇ ବସିଥିଲେ। ବର୍ତ୍ତମାନର ପିଢ଼ି ତାଙ୍କର ମଧୁର ବ୍ୟବହାର ଓ ଶାନ୍ତ ସୁଲଭ ଗୁଣରେ ମୁଗ୍ଧ ହୋଇ ତାଙ୍କ ପ୍ରତି ଅଜସ୍ର ଭଲପାଇବା ଅଜାଡ଼ି ଦେଇଥିଲେ। ତାଙ୍କ ବିଶେଷ ଗୁଣ ସେ କେବେ କାହା ବିରୋଧରେ ପଦୁଟିଏ ବି କହିନାହାନ୍ତି।

**ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନ ହେବା ଅବିଶ୍ୱସନୀୟ**

କଟକ ଜିଲ୍ଲା ବଡ଼ମ୍ବା ଅଞ୍ଚଳରୁ ଆସିଥିବା ବିଜୟ କୁମାର ସାହୁ କହିଛନ୍ତି, ନୂଆ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅନେକ ଆଶା ଓ ଆକାଂକ୍ଷା। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ଭଳି ଏକାଧିକ ଭଲ ଯୋଜନା କରିବାନେଇ ତୃଣମୂଳସ୍ତରରେ ଲୋକମାନେ ଆଶାବାଦୀ। ବିଜେପି ଓଡ଼ିଶାରେ ପ୍ରଥମଥର ପାଇଁ ସରକାର କରିଛି। ସ୍ୱଚ୍ଛ ନିର୍ମଳ ଶାସନ କରି ବିଜେଡି ଭଳି ଦୀର୍ଘ ସ୍ଥାୟୀ ଶାସନର ଲକ୍ଷ୍ୟ ରଖି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

**ଅସମ୍ଭାଳ ଟ୍ରାଫିକ୍ ଭିଡ଼**

# ରାଜଧାନୀବାସୀ ଅଣନିଃଶ୍ୱାସୀ

**ଯିଏ ବାହାରିଲା, ସିଏ ଫସିଲା**

**ଜନତା ମଇଦାନ ରାସ୍ତାରେ ଅସମ୍ଭାଳ ଭିଡ଼**

**ଗୁଳୁଗୁଳି ଓ ଭୋକରେ ଆଉଟୁପାଉଟୁ ଯାତ୍ରୀ**

ବୁଧବାର ଅପରାହ୍ଣରେ ବିଜେପିର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଜନତା ମଇଦାନରେ ଅନୁଷ୍ଠିତ ହୋଇଥିଲା। ଲକ୍ଷାଧିକ ଲୋକଙ୍କ ସମାଗମକୁ ଲକ୍ଷ୍ୟ ରଖି ପୂର୍ବରୁ ପୁଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଟ୍ରାଫିକ୍ ପୁଲିସ ପକ୍ଷରୁ ସାଧାରଣ ଲୋକ ଓ ଦଳୀୟ ସମର୍ଥକମାନଙ୍କୁ ନେଇ ଆସୁଥିବା ଗାଡ଼ିଗୁଡ଼ିକ ପାଇଁ ଭିନ୍ନ ରାସ୍ତାରେ ଯାତାୟାତ ପାଇଁ ପୂର୍ବରୁ ଯୋଜନା କରାଯାଇଥିଲା। ମାତ୍ର ଯୋଜନା ମୁତାବକ ଠିକ୍ ଭାବେ ଟ୍ରାଫିକ୍ ପରିଚାଳନା ହୋଇପାରିନଥିଲା। ଏତେ ସଂଖ୍ୟକ ଗାଡ଼ି ପାଇଁ ଯେଉଁ ଭଳି ବ୍ୟବସ୍ଥା କରିବା କଥା ଟ୍ରାଫିକ୍ ପୁଲିସ ପକ୍ଷରୁ ତାହା କରାଯାଇ ନ ଥିଲା। ଫଳରେ ଜନତା ମଇଦାନ ଚତୁଃପାର୍ଶ୍ୱରେ ଥିବା ରାସ୍ତାଗୁଡ଼ିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଦିନ ୧ଟାରୁ ୪ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଥିଲା। ଭିଡ଼ ସାଙ୍ଗକୁ ଗରମ ଗୁଳୁଗୁଳିରେ ରାସ୍ତା ଉପରେ ତ୍ରାହି ତ୍ରାହି ଡାକିଥିଲେ ଲୋକେ। ଶେଷରେ ଶପଥ ଗ୍ରହଣ ଉତ୍ସବ ଶେଷ ହେବା ପରେ ଧୀରେ ଧୀରେ ଭିଡ଼ ହ୍ରାସ ହୋଇଥିଲା। ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାନୁସାରେ, କମିସନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଦିନ ୨ଟାରୁ ସନ୍ଧ୍ୟା ୭ଟା କିମ୍ବା ଶପଥ ଗ୍ରହଣ ସମାରୋହ ସରିବା ଯାଏ ଜୟଦେବ ବିହାରରୁ ନାଲ୍‌କୋ ଛକ ଓ ସଂଲଗ୍ନ ଗଳିରାସ୍ତାରେ ସାଧାରଣ ଯାନବାହାନ ଚଳାଚଳକୁ ବାରଣ କରାଯାଇଥିଲା। କେବଳ ଶପଥ ଗ୍ରହଣ ଉତ୍ସବକୁ କର୍ମୀ ତଥା ସମର୍ଥକଙ୍କୁ ନେଇ ଆସୁଥିବା ଗାଡ଼ିଗୁଡ଼ିକ ପୁଲିସ ନିର୍ଦ୍ଦେଶନାମା ରୁଟ୍‌ରେ ଯାତାୟାତ କରିପାରିବେ ବୋଲି ଧାର୍ଯ୍ୟ କରାଯାଇଥିଲା।

ପୂର୍ବ ନିର୍ଦ୍ଧାରିତ ରୁଟ୍‌ରେ ଗାଡ଼ିଗୁଡ଼ିକ ଆସିଥିଲେ ହେଁ ଗୋଟିଏ ସମୟରେ ଏକାଧିକ ସମର୍ଥକମାନଙ୍କୁ ଧରି ଗାଡ଼ିଗୁଡ଼ିକ ଆସି ପାର୍କିଂ କରିବାକୁ ଥିବା ରାସ୍ତାରେ ଅଟକି ଯାଇଥିଲା। ଫଳରେ ନାଲ୍‌କୋ ଛକରୁ ସୈନିକ ସ୍କୁଲ ଦେଇ ଯାଇଥିବା ରାସ୍ତାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ମଧ୍ୟାହ୍ନ ସମୟରେ ବିଭିନ୍ନ ବାହାରିଥିବା ଲୋକମାନେ ରାସ୍ତା ଉପରେ ଫସି ରହିଥିଲେ। କେବଳ ନାଲ୍‌କୋ ଛକରୁ ସୈନିକ ସ୍କୁଲ ରାସ୍ତା ନୁହେଁ, ଜାଭିୟର୍ ଛକ ରାସ୍ତା, ଏପଟେ ନୂଆପଲ୍ଲୀରୁ ଜୟଦେବ ବିହାର ରାସ୍ତାରେ ମଧ୍ୟ ସମ ପରିମାଣରେ ଭିଡ଼ ହୋଇଥିଲା। ଲୋକମାନେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ଭୋକ ଉପାସରେ ଆଉଟୁପାଉଟୁ ହୋଇଥିଲେ। ପୂର୍ବରୁ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ଯୋଜନା କରାଯାଇଥିଲେ ହେଁ ଭୁଶୁଡ଼ି ପଡ଼ିଥିବା ଟ୍ରାଫିକ୍ ବ୍ୟବସ୍ଥାକୁ ନେଇ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା।





# ଭୁବନେଶ୍ୱର ସିଟି

## ୧୫ରେ ରଜ ଉତ୍ସବ ପାଳିବ ଜୟ ମା' ଭବାନୀ ଟ୍ରଷ୍ଟ

ଭୁବନେଶ୍ୱର, ୧୨।୬(ସମିସ): ଜୟ ମା' ଭବାନୀ ଟ୍ରଷ୍ଟ ପକ୍ଷରୁ ଆସନ୍ତା ୧୫ତାରିଖରେ ଜୟଦେବ ବିହାରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ପାରମ୍ପରିକ ରଜ ଉତ୍ସବ ପାଳନ କରାଯିବ। ୨୫ ତାରିଖ ଅର୍ଥାତ୍ ରଜସଂକ୍ରାନ୍ତି ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରଜ ମହୋତ୍ସବ ପାଳନ କରାଯିବ। ଏଥିରେ ଓଡ଼ିଶୀ ନୃତ୍ୟ, ରଜପାନ, ପାରମ୍ପାରିକ ପିଠା, ଖାଦ୍ୟ, ପୁଚିଖେଳ, ଦଉଡି ଡିଆଁ ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ 'ସେବା ରତ୍ନ' ସମ୍ମାନରେ ସମ୍ମାନିତ କରାଯିବ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପଣ୍ଡିତ ଦାଶରଥି ସାମନ୍ତରାୟଙ୍କୁ 'ଉତ୍କଳ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ସମ୍ପାଦକ ଡ. ନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ଉମାନାଥ ମିଶ୍ର, ମଳୟ ମହାପାତ୍ର, ଦିଲ୍ଲୀପ ପଟ୍ଟନାୟକ, ବିପିନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୧୪ରୁ ଧଉଳି ରଜ ମହୋତ୍ସବ

ଭୁବନେଶ୍ୱର, ୧୨।୬(ସମିସ): ଏକାମ୍ର ଗ୍ରାମୀଣ ସାଂସ୍କୃତିକ ପରିଷଦ ପକ୍ଷରୁ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଧଉଳିସ୍ଥିତ ବୈରଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ 'ଚତୁର୍ଥ ରଜ ମହୋତ୍ସବ-୨୦୨୪' ପାଳିତ ହେବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ମେହେନ୍ଦୀ, ରଜପାନ, ଅଳତା, ପୋଡ଼ପିଠା, ରଙ୍ଗୋଲି, ମୁରୁଜ, ହୁଳହୁଳି, ଶଙ୍ଖଧ୍ୱନି, ପୁଚି, ମ୍ୟୁଜିକ୍ ଚେୟାର, ରୁମାଲ ଚୋରି, ବେଲୁନ ଫୁଙ୍କା, ରଜ କୁଆଁରୀ ଓ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେ ବିଜେତାଙ୍କୁ ପୁରସ୍କୃତ କରାଯିବ। ଏହାସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯାହାର ଆକର୍ଷଣ ପାଲଟିବ ନାଭ୍ୟା ଜାଇତି, ତାରିକ୍ ଅଜିଜ୍ ଏବଂ ଜେମସ୍‌ଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଇରା ମହାନ୍ତି ସଙ୍ଗୀତ ପରିବେଷଣ କରିବେ ବୋଲି ପରିଷଦ ପକ୍ଷରୁ ମଙ୍ଗଳବାର ଗଙ୍ଗୋତ୍ରୀ ନଗରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରତ୍ୟହ ଅପରାହ୍ନ ୨ଟାରୁ ରାତି ୧୦ଟା ଯାଏଁ ଚାଲିବ।

## 'ବାଧ୍ୟତାମୂଳକ ଶିକ୍ଷା ହିଁ ଶିଶୁଶ୍ରମକୁ ରୋକିବାରେ ସମର୍ଥ ହେବ'



ଭୁବନେଶ୍ୱର, ୧୨।୬(ସମିସ): ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଏଇଆଇଏନ୍ ସହଯୋଗରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଉପଲକ୍ଷେ ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ପିକକ୍ ଅଧ୍ୟକ୍ଷା ଡ. ମୀନାକ୍ଷୀ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଓଡ଼ିଶା ରେରାର ସଦସ୍ୟ ପ୍ରଦୀପ କୁମାର ବିଶ୍ୱାଳ, ୟୁନିସେଫ୍‌ର ସୁଗତ ରାୟ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ପୂର୍ବତନ ଶ୍ରମ କମିସନର ନିରଞ୍ଜନ ସାହୁ, ଖୋର୍ଦ୍ଧା ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ଗୋଷ୍ଠୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ଶ୍ରମିକଙ୍କ ଉପରେ ଏକ ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଶିଶୁ ଶ୍ରମର ଉଦ୍ଧାର ଏବଂ ପୁନଃର୍ବାସ ପାଇଁ ସଂକଳିତ ପୁସ୍ତକ 'ପରିବର୍ତ୍ତନ ପାଇଁ ଶିକ୍ଷା: ଅକୁହା କାହାଣୀ' (ଏଜୁକେସନ ଫର ଚେଞ୍ଜ୍: ଅନଟୋଲ୍ଡ ଷ୍ଟୋରିକ୍) ଉନ୍ମୋଚିତ ହୋଇଥିଲା। ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଧାନୀ ରାସ୍ତାକଡ଼ରେ ଭ୍ରାମ୍ୟମାଣ ଜଳଛତ୍ର

# ବର୍ଷକ ୧୨ ମାସ ଥଣ୍ଡାପାଣି

ଭୁବନେଶ୍ୱର, ୧୨।୬(ସମିସ): କଥାରେ ଅଛି ଜଳଦାନ ମହତ ପୂର୍ଣ୍ଣ। ଜଳ ମନୁଷ୍ୟ ଠାରୁ ଆରମ୍ଭ କରି ଜୀବଜନ୍ତୁ ସମସ୍ତଙ୍କର ଦରକାର ହୁଏ। ଜଳ ବିନା ଜୀବନ ଧାରଣ କରିବା ଅସମ୍ଭବ। ଖରା ଯେଉଁଭଳି ଭାବରେ ଅନୁଭବ ହେଉଛି ସେଥିରେ ଜୀବନଧାରଣ କରିବା ସବୁଠାରୁ କଷ୍ଟକର ବ୍ୟାପାର। ଏପରିସ୍ଥିତିରେ ରାଜଧାନୀ ରାସ୍ତାକଡ଼ରେ ଏବେ ଭ୍ରାମ୍ୟମାଣ ଜଳଛତ୍ରମାନ ଦେଖିବାକୁ ମିଳୁଛି। ଯାହା ଉପରେ ବ୍ୟାଚ୍‌ଲରଙ୍କଠାରୁ ଆରମ୍ଭ କରି ବସ୍ତିବାସିନ୍ଦା ନିର୍ଭର କରୁଛନ୍ତି। ଏମିତି କି ଯେଉଁମାନଙ୍କ ଘରେ ପାଣି ଥଣ୍ଡା କରିବା ପାଇଁ ଫ୍ରିଜ୍‌ର ବ୍ୟବସ୍ଥା ନାହିଁ ସେମାନେ ଏଠାରୁ ଥଣ୍ଡାପାଣି ସଂଗ୍ରହ କରୁଛନ୍ତି। ସେହିଭଳି ହଷ୍ଟେଲ ହଉ କିମ୍ବା ଭଡ଼ାରେ ରହୁଥିବା ପିଲାଙ୍କ ପାଖରେ ମଧ୍ୟ

**ବିଶୁଦ୍ଧ ପାନୀୟ ଜଳ ପାଇଁ ବସ୍ତିବାସିନ୍ଦା ଓ ପଥଚାରୀଙ୍କ ଭରସା**

ଫ୍ରିଜର୍ ବ୍ୟବସ୍ଥା ନାହିଁ। ତେଣୁ ସେମାନେ ରାସ୍ତାକଡ଼ରେ ବେସରକାରୀ ସଂସ୍ଥାମାନଙ୍କ ତରଫରୁ ଖୋଲିଥିବା ଏଭଳି ଭ୍ରାମ୍ୟମାଣ ଜଳଛତ୍ର ଉପରେ ନିର୍ଭର କରୁଛନ୍ତି। ବିଶେଷକରି ବ୍ୟାଚ୍‌ଲରଙ୍କ ସମେତ ଅଟୋଚାଳକ, ପଥଚାରୀମାନେ ଏଭଳି ଜଳଛତ୍ର ଉପରେ ନିର୍ଭର କରୁଛନ୍ତି। ଯିଏ ଯେମିତି ପାଇଲା ସେହି ଉପାୟରେ ଥଣ୍ଡା ପାଣି ନେଉଛନ୍ତି। ରାଜମହଲ ଛକ, ୟୁନିଟ୍-୬, ଖଣ୍ଡଗିରି, ଜାଗମରା, ରାମ ମନ୍ଦିର ଆଦି ଅଞ୍ଚଳଗୁଡ଼ିକରେ କିଛି ବେସରକାରୀ ସଂସ୍ଥା ତରଫରୁ ଏଭଳି ଉପାୟରେ ଥଣ୍ଡା ପାଣିର ବ୍ୟବସ୍ଥା କରାଯାଇଛି। ଅନେକ ସ୍ଥାନରେ ଟାଙ୍କି କରାଯାଇ ଲୋକଙ୍କୁ ଥଣ୍ଡା ପାଣି ଯୋଗାଇ ଦିଆଯାଉଛି। ଦୋକାନରେ ପାଣି ଲିଟରକୁ ୧୦ରୁ ୧୫ ଟଙ୍କାରେ କିଣିବାକୁ ମିଳୁଥିବା ବେଳେ ଏସବୁ ଜଳଯୋଗାଣ ବ୍ୟବସ୍ଥା ମାଧ୍ୟମରେ ଲୋକେ ମାଗଣାରେ ଥଣ୍ଡା ଓ ବିଶୁଦ୍ଧ ପାଣି ପାଇପାରୁଛନ୍ତି। ଯାହା ଦିନ ମଜୁରିଆଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପାଇଁ ଏହି ଖରାଦିନରେ ଏ ଥଣ୍ଡା ପାଣି ଏକ ଆଶୀର୍ବାଦ ସଦୃଶ ବୋଲି ଅଟୋଚାଳକ ପ୍ରତାପ ସ୍ୱାଇଁ କୁହନ୍ତି। କାକଟପୁରରୁ ଆସି ରାଜମହଲରେ ରହୁଥିବା ସନାତନ ମହାକୁଡ଼ ଏଇ ଦୁଇ ଚାରିଦିନ ହେଲାଣି ଏହି ଥଣ୍ଡା ପାଣି ନେଉଛନ୍ତି। ଗ୍ରୀଷ୍ମଦିନେ ଏହି ପାଣି ହିଁ ଏକମାତ୍ର ଭରସା ପାଲଟିଛି ବୋଲି କୁହନ୍ତି ସନାତନ।






## 'ସକାଳ' ପ୍ରଭାବ / ଭଗବାନପୁର ଶିଳ୍ପାଞ୍ଚଳ ରାସ୍ତାରେ ଜଳିଲା ଷ୍ଟ୍ରୀଟ୍ ଲାଇଟ୍



ଭୁବନେଶ୍ୱର, ୧୨।୬(ସମିସ): ଜାତୀୟ ରାଜପଥଠାରୁ ଭଗବାନପୁର ଶିଳ୍ପାଞ୍ଚଳ ରାସ୍ତାରେ ଦୀର୍ଘଦିନ ହେଲା ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡ଼ିଥିଲା। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଦୀର୍ଘ ଏକ ମାସ ହେଲା ଅଚଳ ହୋଇପଡ଼ିଥିବା ଆଲୋକୀକରଣ ବ୍ୟବସ୍ଥାକୁ ସମ୍ପୃକ୍ତ ବିଭାଗ ତତ୍ପରତା ପ୍ରକାଶ କରି ସଚଳ କରିଛି। ଫଳରେ ଏହି ଅଞ୍ଚଳର ବାସିନ୍ଦାଙ୍କ ସମେତ ରାତ୍ରି ସମୟରେ କାର୍ଯ୍ୟ କରୁଥିବା ବିଭିନ୍ନ ପ୍ରତିଷ୍ଠାନର କର୍ମଚାରୀଙ୍କ ପାଇଁ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ ହୋଇପାରିଛି। ଏହି ରାସ୍ତାରେ ଅନ୍ଧାର ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବାବେଳେ ଅସାମାଜିକ ବ୍ୟକ୍ତିମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲା। ଏହି ଅଞ୍ଚଳରେ ବିଭିନ୍ନ କାରଖାନା ଓ ଗୋଦାମ ଗୃହ ଥିବାରୁ ଏହି ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ଏକ ସମସ୍ୟା ପାଲଟିଥିଲା।

## ଆକାଶର ୫୩ ଛାତ୍ରଛାତ୍ରୀ ଜେଇଇ ଆଡ୍‌ଭାନ୍ସଡ୍‌ରେ କୃତକାର୍ଯ୍ୟ



ଭୁବନେଶ୍ୱର, ୧୨।୬(ସମିସ): ଆକାଶ ଏଜୁକେସନାଲ ସର୍ଭିସେସ୍ ଲିମିଟେଡ (ଏଇଏସଏଲ) ଓଡ଼ିଶାରୁ ୫୩ ଜଣ ଛାତ୍ରଛାତ୍ରୀ ଜେଇଇ ଆଡ୍‌ଭାନ୍ସଡ ୨୦୨୪ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଆଇଆଇଟି ମାଡ୍ରାସ ପକ୍ଷରୁ ଆୟୋଜିତ ଏହି ପରୀକ୍ଷାରେ କେଶବ ରଞ୍ଜନ ସର୍ବଭାରତୀୟ ସ୍ତରରେ ୧୯୬ ତମ ସ୍ଥାନ ହାସଲ କରି ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦେବାଶିଷ ପଣ୍ଡା ୧୧୩୬, ଅନୁଜ ସୁବୁଦ୍ଧି ୧୧୬୫, ପ୍ରତ୍ୟୁଷ କୁମାର ମାସନ୍ତ ୧୩୬୫, ରିତୁଲ ପ୍ରିୟଦର୍ଶନ ୧୩୮୨, ରିତେଶ ରାଜ ସିଂହ ୧୯୦୯ ର୍‍ୟାଙ୍କ୍ ହାସଲ କରିଛନ୍ତି। ସମସ୍ତ ବିଷୟକୁ ପୁଙ୍ଖାନୁପୁଙ୍ଖ ବୁଝିବା ଓ ଅଧ୍ୟୟନ ସୂଚୀକୁ କଡ଼ାକଡ଼ି ଭାବେ ପାଳନ କରିବାରେ କର୍ତ୍ତୃପକ୍ଷ ସମସ୍ତ ସହଯୋଗ କରିଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି। ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଏଇଏସ୍‌ଏଲ୍ ରିଜିଓନାଲ୍ ଡାଇରେକ୍ଟର ଅଜୟ ବାହାଦୁର ସିଂହ କହିଛନ୍ତି, ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ସହିତ ପିତାମାତାଙ୍କ ସମର୍ଥନ ସେମାନଙ୍କୁ ସଫଳ ହେବା ପାଇଁ ପ୍ରେରିତ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷାଦାନ କରିବାକୁ 'ଆକାଶ' ସର୍ବଦା ପ୍ରୟାସରତ ବୋଲି ସେ କହିଛନ୍ତି।

### ■ ପର କରିଦେଲା ସ୍ୱାମୀ

## ଝିଅ ପାଇଁ ସଂଘର୍ଷ କରୁଛନ୍ତି ଦୃଷ୍ଟିହୀନ ଶାନ୍ତିଲତା

ଭୁବନେଶ୍ୱର, ୧୨।୬(ସମିସ): ଅନେକ ପ୍ରତିକୂଳ ପରିସ୍ଥିତି ଥିଲେ ବି ଝିଅକୁ ମଣିଷ କରିବାକୁ ଯାଇ ଏବେ ସ୍ୱାବଲମ୍ବୀ ହୋଇପାରିଛନ୍ତି ଶାନ୍ତିଲତା। ଶାନ୍ତିଲତା ସ୍ୱାଇଁଙ୍କ ଘର ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଅଞ୍ଚଳରେ। ୨୫ ବର୍ଷୀୟ ଶାନ୍ତିଲତା ପିଲାବେଳୁ ଦୃଷ୍ଟିହୀନା। ପରିବାରରେ ଭାଇ ଭଉଣୀ ୩ ଜଣଙ୍କ ମଧ୍ୟରେ ଶାନ୍ତିଲତା ସବୁଠୁ ସାନ। କେନ୍ଦ୍ରାପଡ଼ା ଦୃଷ୍ଟିବାଧିତ ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ୨୦୧୬ରେ କେନ୍ଦ୍ରାପଡ଼ାରେ ତାଙ୍କର ବିବାହ ହୋଇଥିଲା। ବିବାହର କିଛି ମାସ ମଧ୍ୟରେ ଶାନ୍ତିଲତା ଗର୍ଭବତୀ ହେଲେ କିନ୍ତୁ ସେହି ଅବସ୍ଥାରେ ସ୍ୱାମୀ ତାଙ୍କୁ ଘରୁ ବାହାର କରିଦେଲେ। ଦୃଷ୍ଟିଜନିତ ସମସ୍ୟା ସହ ପିଲାର ଭବିଷ୍ୟତ ଚିନ୍ତା ତାଙ୍କୁ ଦୁଃଖରେ ଘେରି ପକାଇଲା। ସେଠାରୁ ଆସି ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଥିଲେ। ଆସିବା ପରେ ମାର୍କେଟ ବିଲଡିଂରେ ଜଣେ ହୋଲ୍‌ସେଲରଙ୍କୁ



ନିବେଦନ କରି ବାକିରେ କିଛି ଖେଳନା ଆଣି ବେପାର କରିବା ଆରମ୍ଭ କଲେ। ଖେଳନା ବିକ୍ରି ହୋଇଗଲେ ମହାଜନ ଟଙ୍କା ଶୁଝି ଦେଉଥିଲେ। ଏମିତି କିଛି ମାସପରେ ପିଲାଟିର ଜନ୍ମ ସମୟରେ ମାର୍କେଟ ବିଲ୍ଡିଂର କିଛି ଲୋକ ତାଙ୍କର ଏପରି ଅବସ୍ଥା ଦେଖି ସହଯୋଗର ହାତ ବଢ଼ାଇଥିଲେ। ତାଙ୍କ କୋଳରେ କନ୍ୟା ସନ୍ତାନ ଜନ୍ମ ହେଲା। ସେବେଠାରୁ ଝିଅ ସହ ସେ ବଡ଼ଗଡ଼ରେ ଛୋଟିଆ ଘରଟିଏ ଭଡ଼ା ନେଇ ରହୁଛନ୍ତି। ହେଲେ ମାର୍କେଟ ବିଲ୍ଡିଂରେ ବିବାଦପରେ ସେ ଏବେ ଭୂତଳ ବଜାରରେ ନିଜ ବେପାର ଜମାଇଛନ୍ତି। ସାଙ୍ଗରେ କୁନି ଝିଅ। ତା'ର ଭବିଷ୍ୟତ ଗଢ଼ିବା ଉଦ୍ଦେଶ୍ୟରେ ରୋଜଗାର କରିବାକୁ ଅଣ୍ଟାଭିଡ଼ିଥିବା ଶାନ୍ତିଲତା ଏବେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଔଷଧ ଖର୍ଚ୍ଚ, ଘର ଭଡ଼ା ଓ ଘରର ଗୁଜୁରାଣ ମେଣ୍ଟାଇବା ତାଙ୍କ ପକ୍ଷେ କଷ୍ଟକର ହେଉଥିଲେ ହେଁ ସେ ଏବେ କାହା ଉପରେ ନିର୍ଭର ନକରି ଚଳିଯାଉଛନ୍ତି। ସରକାରୀ ଭତ୍ତା କାର୍ଡ ଥାଇ ବି ଘର ଲୋକ ତାଙ୍କୁ ଫେରାଉ ନାହାନ୍ତି ଏବଂ କାହାରି ସାହାଯ୍ୟ ନଥିବାରୁ ସ୍ୱାସ୍ଥ୍ୟ କାର୍ଡ ମଧ୍ୟ କରାଇ ପାରି ନଥିଲେ। ଏ ନେଇ ତାଙ୍କୁ ସରକାରୀ ସ୍ତରରେ କୌଣସି ସାହାଯ୍ୟ ମିଳିଲେ ସେ ଉପକୃତ ହୁଅନ୍ତେ ବୋଲି ନିଜ ଦୁଃଖ ପ୍ରକାଶ କରି କହିଛନ୍ତି।

### ନୃତ୍ୟରେ ଆଦିଗୁରୁ ପଙ୍କଜଚରଣ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

## ସମ୍ମାନିତ ହେଲେ ଗାୟତ୍ରୀ ରଣବୀର ଓ ଚନ୍ଦ୍ରକାନ୍ତ ସୂତାର

ଭୁବନେଶ୍ୱର, ୧୨।୬(ସମିସ): ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ଓ ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଶ୍ରଦ୍ଧାଞ୍ଜଳି ସମାରୋହରେ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୨୧ତମ ପୂଣ୍ୟତିଥି ଉତ୍କଳ ରଙ୍ଗମଞ୍ଚରେ ପାଳିତ ହୋଇଯାଇଛି। ଏହି ଅବସରରେ ଶିଳ୍ପୀମାନେ ନୃତ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରତିଷ୍ଠାନ ଅଧ୍ୟକ୍ଷ ବଟକୃଷ୍ଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁ କେଶବ ଚରଣ ରାଉତ, ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ନିରଞ୍ଜନ ରାଉତ, ଗୁରୁ ସଚ୍ଚିଦାନନ୍ଦ ଦାସ, ନୃତ୍ୟ ଗୁରୁ ଶରତ ଚନ୍ଦ୍ର ଦାସ, ଗୁରୁ ସୁହାଗ ନଳିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ପ୍ରତିଭା ଗାୟତ୍ରୀ ରଣବୀରଙ୍କୁ 'ଓଡ଼ିଶୀ ନୃତ୍ୟ ରତ୍ନ ସମ୍ମାନ-୨୦୨୪' ଓ ଚନ୍ଦ୍ରକାନ୍ତ ସୂତାରଙ୍କୁ 'ଓଡ଼ିଶୀ ଯୁଗ ଗନ୍ଧର୍ବ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ଏହାପରେ ଆଦିଗୁରୁଙ୍କୁ ସ୍ମରଣ କରି ଶିଳ୍ପୀ ଗାୟତ୍ରୀ ରଣବୀର ମଙ୍ଗଳା ଚରଣ, ଶୁଦ୍ଧଦେଶୀ ପଲ୍ଲବୀ ପରିବେଷଣ କରିବା ସହ ଅଭିନୟ ବଡ଼ ଆଚମ୍ବିତ ପରିବେଷଣ କରିଥିଲେ। ପରେପରେ ଚନ୍ଦ୍ରକାନ୍ତ ସୂତାର ନଟରାଜ ତନୁଜ ଉପସ୍ଥାପନା କରିଥିଲେ। ସେହିପରି ପରବର୍ତ୍ତୀ ପ୍ରସ୍ତୁତିରେ ଗୁରୁ ସୁହାଗ ନଳିନୀ ଦାସଙ୍କ ନୃତ୍ୟାନୁଷ୍ଠାନ ସମ୍ପ୍ରଦାର ଶିଳ୍ପୀଗଣ ସ୍ଥାୟୀ ନୃତ୍ୟ ସହ ଝୁଲଣ ଆଧାରିତ ଝୁଲଣ କୁଞ୍ଜ ପରିବେଷଣ କରିଥିଲେ। ପରେ ନୁପୁରର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶା ଆମର ଜନ୍ମଭୂମି ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ।

### ନରୋତ୍ତମଙ୍କ ନିଆରା ପ୍ରୟାସ

## ସେରାମିକ୍ କଳାରେ ପୁରାଣ ବାର୍ତ୍ତା



ଭୁବନେଶ୍ୱର, ୧୨।୬(ସମିସ): କଳାରେ ନିପୁଣ ମଣିଷ ଗଢ଼ିଚାଲେ ଅନେକ କୀର୍ତ୍ତିରାଜି। ସେହି କଳା ହିଁ ସମାଜରେ ଦିଏ ତାକୁ ଏକ ଭିନ୍ନ ପରିଚୟ। ସେହିପରି ଏକ କଳା ହେଉଛି ସେରାମିକ୍ କଳା। ଏହି କଳାକୁ ନିଜ ଜୀବିକା ଭାବରେ ବାଛିଛନ୍ତି ଖଣ୍ଡଗିରିରେ ରହୁଥିବା କେନ୍ଦ୍ରପଡ଼ାର ନରୋତ୍ତମ ଦାସ। ନରୋତ୍ତମ ପୁରାଣର ବିଭିନ୍ନ କାହାଣୀକୁ ନିଜ କଳାକୃତିରେ ପ୍ରଦର୍ଶନ କରିଛନ୍ତି। ଏଥିସହିତ ବିଭିନ୍ନ ପ୍ରକାର ଗାଁର କଥାବସ୍ତୁ, ନାରୀର ରହସ୍ୟମୟ ଭାବଭଙ୍ଗୀକୁ ସେ ତାଙ୍କ କଳାରେ ଝଲସାଇ ଲୋକଙ୍କୁ ଆକର୍ଷିତ କରିଛନ୍ତି। ପ୍ରତ୍ୟେକ କଳାକୃତି ଅର୍ଥପୂର୍ଣ୍ଣ ଭାବେ ସେ ଉପସ୍ଥାପିତ କରିଛନ୍ତି। ସେ ପ୍ରସ୍ତୁତ କରୁଥିବା ପ୍ରତ୍ୟେକଟି କଳାକୃତିର କିଛି ନା କିଛି ଅର୍ଥ ଥାଏ ଏବଂ ବେଶ୍ ଆକର୍ଷଣୀୟ ହୋଇଥାଏ ବୋଲି କୁହନ୍ତି। ତାଙ୍କର ପ୍ରତିଟି କଳାକୃତିରେ ପାରମ୍ପରିକ ସହ ଆଧୁନିକତାର ଛାପ ମଧ୍ୟ ଦେଖିବାକୁ ମିଳେ। ସେ ଜାତୀୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଗାଁରେ ନବବଧୂ, ଗାଁ ଗହଳିର ପରିବେଶ, କୃଷି ଓ କୃଷକର କାହାଣୀକୁ ସେ ସେରାମିକ୍‌ରେ ଚିତ୍ରଣ କରିଥାନ୍ତି। ତାଙ୍କର

**କଳାକୃତି କହୁଛି ପୁରାଣ କଥା**

ଏହିସବୁ କଳାକୃତି ରାଜଧାନୀରେ ହେଉଥିବା ବିଭିନ୍ନ ପ୍ରଦର୍ଶନୀରେ ମଧ୍ୟ ସ୍ଥାନ ପାଇଥାଏ। ପୁରାଣରେ ସାଇତି ରହିଥିବା କଥାବସ୍ତୁକୁ ସେ ତାଙ୍କ କଳା ମାଧ୍ୟମରେ ଲୋକଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଥାନ୍ତି। ଜାତୀୟସ୍ତରରେ ଏକ ହସ୍ତଶିଳ୍ପ ମେଳାରେ ପ୍ରଦର୍ଶିତ କରିବା ପାଇଁ ତିଆରି କରୁଛନ୍ତି ଏକ କଳସ। ଯେଉଁଥିରେ ପଞ୍ଚଦେବତା ସ୍ଥାନ ପାଇଛନ୍ତି ଏବଂ ଏହି କଳସ ଚାରିପଟେ ଗଣେଶଙ୍କ ଜନ୍ମଠୁ ଆରମ୍ଭ କରି ପ୍ରତି ପର୍ଯ୍ୟାୟ କାହାଣୀ ବର୍ଣ୍ଣନା କରିଛନ୍ତି। ଏହା ସହିତ ତାଙ୍କର ଭିନ୍ନ ଭିନ୍ନ ରୂପ ଓ କଳସର ନିମ୍ନ ପାର୍ଶ୍ୱରେ ଝୋଟି ଚିତ୍ର, ଧାନକେଣ୍ଡାର ଚିତ୍ର ରହିଛି। ପାରମ୍ପରିକ କଳାରେ ଆଧୁନିକତାର ଛାପ ହିଁ ତାଙ୍କୁ ଅନ୍ୟ କାରିଗରଙ୍କଠୁ ତାଙ୍କୁ ଭିନ୍ନ କରିଥାଏ ବୋଲି କୁହନ୍ତି ସେ। ପିଲାଦିନରୁ ତାଙ୍କ ମାଆଙ୍କୁ ଦେଖି ଏଥିପ୍ରତି ପ୍ରେରିତ ହୋଇଥିଲେ। ଯେତେବେଳେ ମାଟିର କଣ୍ଢେଇ ଓ ଝୋଟି ପକାଇବାର ଦେଖୁଥିଲେ ସେତେବେଳରୁ ହିଁ ସେ ଭବିଷ୍ୟତରେ ଏହି କଳାକୁ ନେଇ ନିଜ ଜୀବିକା ଗଢ଼ିବେ ଭାବି ନେଇଥିଲେ।



## ତୃତୀୟ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ବାଲିଅନ୍ତା, ୧୨।୬(ସମିସ): ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅଧୀନ ପ୍ରସିଦ୍ଧ ତନ୍ତ୍ରପୀଠ ହୀରାପୁର ଚଉଷଠି ଯୋଗିନୀ ମନ୍ଦିର ନିକଟରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରଜ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଦୀନବନ୍ଧୁ ଭୋଇ ସୂଚନା ଦେଇଛନ୍ତି। ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବ ପାଳିତ ହୋଇଆସୁଛି। ପ୍ରଥମ ଦିବସରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା, ଦ୍ୱିତୀୟ ଦିବସରେ ପାଇକ ଆଖଡ଼ା ସମରକଳା, ପରିବେଷଣ କରାଯିବ। ପରେ ପରେ ସମରକଳା ଓ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ ପାଇଁ ଖୋର୍ଦ୍ଧା ରତନପୁର କୁହୁଡ଼ିରୁ ଆସିଥିବା ମା' ମଙ୍ଗଳା ପାଇକ ଆଖଡ଼ା କଳା ପ୍ରଦର୍ଶନ କରିବେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ରଜ ରାଣୀ ଘୋଷଣା କରାଯିବ। ଏଥିସହିତ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ରଞ୍ଜନ ମହାପାତ୍ର, ଉପଦେଷ୍ଟା ବିଧୁଭୂଷଣ ପଟ୍ଟନାୟକ, ପ୍ରିୟବ୍ରତ ପାତ୍ର ଓ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ।

## ୭୦ ହଜାର ଟଙ୍କା ଫେରାଇ ପ୍ରଶଂସା ସାଉଁଟିଲେ ବିଶ୍ୱରଞ୍ଜନ

ନନ୍ଦନକାନନ, ୧୨।୬ (ସମିସ): ଅନଲାଇନ୍ କାରବାର ପ୍ରତି ସବୁ ବର୍ଗର ଲୋକଙ୍କ ମଧ୍ୟରେ ରୁଚି ରହିଛି। ଏହାର ଉପଯୋଗ କରିବାରେ ଲୋକମାନେ ଅଭ୍ୟସ୍ତ ହେବାକୁ ଲାଗିଲେଣି। ତେବେ ଏହି ଅନ୍‌ଲାଇନ ଜରିଆରେ କାରବାରରେ ଅସାବଧାନତା ବି ବହୁ ଲୋକଙ୍କୁ ଠକାମୀର ଶିକାର କରାଉଛି। ଏଭଳି ବହୁ ଅପରାଧ ଘଟୁଥିବା ବେଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ଜଣେ ଆର୍‌ଟିଓ କର୍ମଚାରୀ ବିଶ୍ୱରଞ୍ଜନ ପାଢ଼ୀ ମାନବ ପଣିଆ ଦେଖାଇ ଅଞ୍ଚଳରେ ବେଶ ପ୍ରଶଂସିତ ହୋଇଛନ୍ତି। ରାଜସ୍ଥାନର ଲକ୍ଷ୍ମଣ କୁମାର ନାମକ ଜଣେ ଯୁବକ ଅସାବଧାନତାବଶତଃ ୭୦ହଜାର ଟଙ୍କା ଅନ୍‌ଲାଇନ୍ ମାଧ୍ୟମରେ ବିଶ୍ୱରଞ୍ଜନଙ୍କ ନିକଟକୁ ପଠାଇ ଦେଇଥିଲେ। ଚନ୍ଦ୍ରଶେଖରପୁର ପୁଲିସ ଉପସ୍ଥିତରେ ଏହି ଟଙ୍କା ଫେରି ପାଇ ବିଶ୍ୱରଞ୍ଜନଙ୍କୁ କୃତଜ୍ଞତା ଜଣାଇଛନ୍ତି। ମଣିଷ ପଣିଆ ନିଦର୍ଶନ ପାଇଁ ସାଧୁବାଦ ବ୍ୟକ୍ତ କରିଛନ୍ତି। ଲକ୍ଷ୍ମଣ ନାୟକ ଭୁଲରେ ଟଙ୍କା ପଠାଇ ଥିବା ଜାଣିପାରି ବିଶ୍ୱରଞ୍ଜନ ଲକ୍ଷ୍ମଣଙ୍କ ସହ ଫୋନ୍ ଯୋଗେ କଥା ହୋଇ ତାଙ୍କୁ ଟଙ୍କା ଫେରାଇବା ପାଇଁ କହିଥିଲେ। ତେବେ ଲକ୍ଷ୍ମଣ ସେହି ଫୋନ ଜରିଆରେ ଫେରାଇବାକୁ କହିଥିଲେ। ହେଲେ ବିଶ୍ୱରଞ୍ଜନ ଏ ନେଇ ପୁଲିସରେ ଜଣାଇଥିଲେ। ପୁଲିସ ପରାମର୍ଶ କ୍ରମେ ତାଙ୍କୁ ପୁଲିସ ଉପସ୍ଥିତରେ ଟଙ୍କା ଦେବାକୁ କହିଥିଲେ। ଲକ୍ଷ୍ମଣ ଚନ୍ଦ୍ରଶେଖରପୁର ଥାନାରେ ପହଞ୍ଚିବା ପରେ ପୁଲିସ ଉପସ୍ଥିତରେ ତାଙ୍କ ୭୦ ହଜାର ଟଙ୍କା ନଗଦ ଆକାରରେ ବିଶ୍ୱରଞ୍ଜନ ଫେରାଇ ଦେଇଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୫୭ • ପାଉଣ୍ଡ ୧୦୬.୭୪
- ୟୁରୋ ୮୯.୭୯ • ୟେନ୍ ୦.୫୩

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୦୧୦ (ନୂଆଦିଲ୍ଲୀ)
- ରୁପା : ୯୦,୪୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୬୦୬.୦୦
- ନିଫ୍ଟି ୨୩,୩୨୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଅର୍ଥ ମନ୍ତ୍ରୀ ଭାବରେ ଦାୟିତ୍ୱ ନେଲେ ନିର୍ମଳା ସୀତାରମଣ



ନୂଆଦିଲ୍ଲୀ,୧୨।୬(ଏଜେନ୍ସି)

କେନ୍ଦ୍ର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀଠାରେ ଅର୍ଥ ଓ କମ୍ପାନୀ ବ୍ୟାପାର ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନର୍ଥ ବ୍ଲକରେ ଥିବା କାର୍ଯ୍ୟାଳୟରେ ଅର୍ଥ ସଚିବ ଡ. ଟି.ଭି. ସୋମନାଥନ୍ ଏବଂ ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ଅନ୍ୟ ସଚିବମାନେ ସୀତାରମଣଙ୍କୁ ସ୍ୱାଗତ କରିଥିଲେ। ତାଙ୍କୁ ପୁଣି ଥରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଭାବରେ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅଶେଷ କୃତଜ୍ଞତା ଜଣାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତ ଏବଂ ଏହାର ଲୋକମାନଙ୍କର ସେବା କରିବାକୁ ସୁଯୋଗ ପାଇଥିବାରୁ ଧନ୍ୟବାଦ ଦେଇଥିଲେ। ସୀତାରମଣ ଗତ ୧୦ ବର୍ଷ ମଧ୍ୟରେ ଦୃଢ଼ ନେତୃତ୍ୱ ଏବଂ ବିକାଶମୂଖୀ ଶାସନକୁ ଗ୍ରହଣ କରିଛନ୍ତି, ଯାହା ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣି ଏକ ଦୃଢ଼ ତଥା ସ୍ଥିର ଅର୍ଥନୀତି ସୃଷ୍ଟି କରିଛି। ଦାୟିତ୍ୱ ଗ୍ରହଣ କରିବା ପରେ ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ବିଭିନ୍ନ ବିଭାଗର ସଚିବମାନେ କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀଙ୍କୁ ଜାରି ରହିଥିବା ନୀତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ବର୍ଷକରେ ୮% ବଢ଼ିଲାଣି ଗହମ ଦର

# ମହଙ୍ଗା ହେବ ଅଟା, ସୁଜି, ମଇଦା

ନୂଆଦିଲ୍ଲୀ,୧୨।୬(ଏଜେନ୍ସି)

ଖୁଚୁରା ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ଅତ୍ୟାବଶ୍ୟକ ସାମଗ୍ରୀ ଦର। ଦରବୃଦ୍ଧି ତାତିରେ ଖାଉଟି ହତାଶ। ସରକାରୀ ଗୋଦାମ ଘରେ ଗହମ ମହଜୁଦ କ୍ଷମତା ଏବେ ହ୍ରାସ ପାଇବାରେ ଲାଗିଲାଣି। ଏଥିଯୋଗୁ ଗୋଦାମ ଘରେ ଗହମର ଷ୍ଟକ୍ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏବେ ପରିସ୍ଥିତି ଏପରି ଯେ ଗୋଦାମ ଘରେ ଗହମ ଷ୍ଟକ୍ ପରିମାଣ ବିଗତ ୧୮ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି କାରଣରୁ, ଆଗାମୀ ଦିନରେ ଘରୋଇ ବଜାରରେ ଅଟା ଦର ମହଙ୍ଗା ହେବାର ସମ୍ଭାବନା ରହିଛି। ଏଥିରେ ଗତ ବର୍ଷକ ମଧ୍ୟରେ ଗହମ ମୂଲ୍ୟରେ ୮ ପ୍ରତିଶତ ବୃଦ୍ଧି ଘଟିଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଗହମ ମୂଲ୍ୟରେ ଆଉ ୭ ପ୍ରତିଶତ ବୃଦ୍ଧି ଘଟିବା ଆଶଙ୍କା କରାଯାଉଛି।

ନିୟମ ଅନୁଯାୟୀ, ଦେଶ ମଧ୍ୟରେ ଗହମର ଆବଶ୍ୟକତା ପୂରଣ କରିବା ପାଇଁ ଦେଶର ଗୋଦାମ ଘରଗୁଡିକରେ ସବୁବେଳେ ପାଖାପାଖି ତିନିମାସ (ପ୍ରାୟ ୧୩୮ ଲକ୍ଷ ଟନ୍) ପରିମାଣର ପର୍ଯ୍ୟାପ୍ତ ଗହମ ଉପଲବ୍ଧ ହେବା ଉଚିତ୍। ହେଲେ ପରିତାପର ବିଷୟ ହେଉଛି ଯେ, ବର୍ତ୍ତମାନ ଦେଶର ଗୋଦାମରେ ଗହମ ଷ୍ଟକ୍ ହ୍ରାସ ପାଉଛି। ରିପୋର୍ଟ ଅନୁଯାୟୀ, ସରକାର ଚଳିତଥର ଗହମ କିଣିବା ଆରମ୍ଭ କରିବା ପୂର୍ବରୁ ସରକାରୀ ଗୋଦାମରେ ଗହମ ଷ୍ଟକ ମାତ୍ର ୭୫ ଲକ୍ଷ ଟନ୍ ରହିଥିଲା। ଏହାପୂର୍ବରୁ, ୨୦୦୭-୦୮ ରେ ଗହମ ଷ୍ଟକ୍ ପରିମାଣ ୫୮ ଟନ୍ ରହିଥିଲା। ଗହମ ଭଣ୍ଡାର ପୂରଣ କରିବା ପାଇଁ ସରକାର ଲଗାତାର ଗହମ କ୍ରୟ କରୁଛନ୍ତି। ଚଳିତଥର ୩୭୨ ଲକ୍ଷ ଟନ୍ ଗହମ କ୍ରୟ ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୦୨୩ ମସିହାରେ ଏହି ଷ୍ଟକ୍ ପରିମାଣ ୮୪ ଲକ୍ଷ ଟନ୍ ଥିବାବେଳେ ୨୦୨୨ରେ ୧୮୦ ଲକ୍ଷ ଟନ୍ ଓ ୨୦୨୧ରେ ୨୮୦ ଲକ୍ଷ ଟନ୍ ଷ୍ଟକ୍ ରହିଥିଲା। ରୁଷ-ୟୁକ୍ରେନ ଯୁଦ୍ଧ ପରେ ସାରା ବିଶ୍ୱରେ ଗହମର ସରକାରୀ ଷ୍ଟକ୍ ହ୍ରାସ ହେବାରେ ଲାଗିଛି। ଏଣୁ ସରକାର ଗହମ କ୍ରୟ ସମୟ ଜୁନ ୨୨ ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଛନ୍ତି। ହେଲେ ଏହି କ୍ରୟ ଲାଗି ମଣ୍ଡିକୁ ଆଶାନୁରୂପ ଗହମ ଆସୁନାହିଁ। ଯଦି ପରିସ୍ଥିତି ଏହିପରି ଜାରି ରୁହେ ତେବେ ଦେଶରେ ଶସ୍ୟ ଆବଣ୍ଟନ ପାଇଁ ସରକାରଙ୍କୁ ତୁରନ୍ତ ଗହମ ଆମଦାନୀ କରିବାକୁ ପଡିପାରେ। ଗହମ ଷ୍ଟକ୍ ଅଭାବ ହେତୁ ଖୁଚୁରା ବଜାରରେ ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଗୋଟିଏ ବର୍ଷରେ ବଜାରରେ ଗହମ ମୂଲ୍ୟ ୮% ବୃଦ୍ଧି ପାଇଛି। କେବଳ ଗତ ୧୫ ଦିନ ମଧ୍ୟରେ ଗହମ ମୂଲ୍ୟରେ ୭ ପ୍ରତିଶତ ବୃଦ୍ଧ ଘଟିଥିବାବେଳେ ଆଗାମୀ ୧୫ ଦିନ ମଧ୍ୟରେ ଦର ଆଉ ୭ ପ୍ରତିଶତ ବଢିପାରେ ବୋଲି ଏବେଠାରୁ ଆଶଙ୍କା କରାଗଲାଣି।



**ଗୋଦାମ ଘରେ କମୁଛି ମହଜୁଦ କ୍ଷମତା**

**ଗହମ ଷ୍ଟକ୍ ୧୮ ବର୍ଷର ସର୍ବନିମ୍ନ ସ୍ତରରେ**

**ଆଗାମୀ ୧୫ ଦିନରେ ଦର ବଢ଼ିପାରେ ଆଉ ୭%**

# ମାଲାବାର ଗୋଲ୍ଡ ପକ୍ଷରୁ ‘ଶଙ୍ଖା ପଲା’ କଲେକ୍‌ସନ୍




ଭୁବନେଶ୍ୱର,୧୨।୬(ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ ‘ଶଙ୍ଖା ପଲା’ କଲେକ୍‌ସନ୍ ଆରମ୍ଭ କରାଯାଇଛି। ହିନ୍ଦୁ ସଂସ୍କୃତିରେ ବିଶେଷ କରି ଶଙ୍ଖା ଏବଂ ପଲା ସଂସ୍କୃତିର ଏକ ଅଙ୍ଗ। ଏହି ସବୁ କଲେକ୍‌ସନ୍ ମାଲାବାରର ଶହୀଦନଗର, ଚନ୍ଦ୍ରଶେଖରପୁର ଏବଂ କଟକ ଷ୍ଟୋରରେ ଉପଲବ୍ଧ। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସରେ ଆମେ ପରମ୍ପରାକୁ ବଜାୟ ରଖିଥାଉ। ‘ଶଙ୍ଖା ପଲା’ କଲେକ୍‌ସନ୍ କଲେକ୍‌ସନ୍‌ଜରିଆରେ ଆମେ ପରାମ୍ପର ଏବଂ ଆଧୁନିକତା ମଧ୍ୟରେ ରହିଥିବା ବ୍ୟବଧାନକୁ କମ୍ କରିବାକୁ ଚାହୁଁଛୁ। କଇଁଛ ଶଙ୍ଖରୁ ପ୍ରସ୍ତୁତ ଶୁଦ୍ଧ ଧଳା ରଙ୍ଗର ଶଙ୍ଖା ଏବଂ ନାଲି ପଲା ଏକ ଅତୁଳନୀୟ ସୌନ୍ଦର୍ଯ୍ୟ ସୃଷ୍ଟି କରୁଛି।

# ଖେଳନା ଶିଳ୍ପର ଅଭିବୃଦ୍ଧି ପାଇଁ ଫ୍ଲିପକାର୍ଟ-ଡିପିଆଇଆଇଟି ସହବନ୍ଧିତ

ଭୁବନେଶ୍ୱର,୧୨।୬(ସମିସ): ଭାରତକୁ ଖେଳନା ରପ୍ତାନୀ କେନ୍ଦ୍ର ଭାବରେ ଅବସ୍ଥାପିତ କରିବାର ଏଜେଣ୍ଡାକୁ ଆଗକୁ ବଢାଇବା ପାଇଁ ଫ୍ଲିପକାର୍ଟ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ସହଯୋଗରେ ଏକ କର୍ମଶାଳାର ଆୟୋଜନ କରାଯାଇଛି। ବିଶ୍ୱ ଖେଳନା ଯୋଗାଣ ଶୃଙ୍ଖଳାରେ ଭାରତର ସାମର୍ଥ୍ୟ ବୃଦ୍ଧି କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ଭାରତକୁ ଖେଳନା ଉତ୍ପାଦନ ପାଇଁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ସରକାର ଯୋଜନା ପାଇଁ ଏକ ବିସ୍ତୃତ ଜାତୀୟ କାର୍ଯ୍ୟ ଯୋଜନା (ଏନଏପିଟି) ପ୍ରଣୟନ ସମେତ ଅନେକ ରଣନୈତିକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ଗୁଣବତ୍ତା ବୃଦ୍ଧି ଉଦ୍ଭାବନ ଏବଂ ବଜାର ସଂପ୍ରସାରଣ ମାଧ୍ୟମରେ ଭାରତୀୟ ଖେଳନା ଶିଳ୍ପକୁ ଉନ୍ନତ କରିବା ଏନଏପିଟି ଅଧିନରେ ପ୍ରମୁଖ ପଦକ୍ଷେପର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାଜେଶ କୁମାର ସିଂହ (ଡିପିଆଇଆଇଟି), ସହ ସଂପାଦକ ସଂଜୀବ (ଡିପିଆଇଆଇଟି), ନିର୍ଦ୍ଦେଶକ ମହମ୍ମଦ ଇସହାର ଅଲ୍ଲୀ (ଡିପିଆଇଆଇଟି), ମୁଖ୍ୟ କର୍ପୋରେଟ ବ୍ୟାପର ଅଧିକାରୀ ରାଜନିଶ କୁମାର (ଡିପିଆଇଆଇଟି), ଫ୍ଲିପକାର୍ଟର ଏଫଏମସିଜି ଏବଂ ଜେନେରାଲ ମାର୍କେଣ୍ଡାଇଜର ମୁଖ୍ୟ ମଞ୍ଜରୀ ସିଂଘଲ ପ୍ରମୁଖ ଉପସ୍ଥିତ ଥିଲେ।

# ଆଧାର-ରାସନ କାର୍ଡ ସଂଯୋଗ ସମୟସୀମା ସେପ୍ଟେମ୍ବର ୩୦ ଯାଏ ବଢ଼ିଲା

ନୂଆଦିଲ୍ଲୀ,୧୨।୬(ଏଜେନ୍ସି)




ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଅଧୀନରେ ହିତାଧିକାରୀଙ୍କ ପାଇଁ ରାସନ କାର୍ଡକୁ ଆଧାର ସହିତ ସଂଯୋଗ କରିବାର ସମୟ ସୀମାକୁ କେନ୍ଦ୍ର ସରକାର ତିନିମାସ ବୃଦ୍ଧି କରିଛନ୍ତି। କେନ୍ଦ୍ର ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ବର୍ତ୍ତମାନ ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଗ୍ରାହକମାନେ ରାସନ କାର୍ଡକୁ ସେମାନଙ୍କର ଆଧାର କାର୍ଡ ସହିତ ସଂଯୋଗ କରିପାରିବେ। ପୂର୍ବ ବିଜ୍ଞପ୍ତିରେ ଏଥିପାଇଁ ଜୁନ୍ ୩୦ ପର୍ଯ୍ୟନ୍ତ ସମୟସୀମା ଦିଆଯାଇଥିଲା। ୨୦୧୭ ଫେବୃଆରୀ ରେ ପିଡିଏସ୍ ଅଧୀନରେ ଲାଭ ପାଇବା ପାଇଁ ରାସନ କାର୍ଡକୁ ଆଧାର କାର୍ଡ ସହିତ ଲିଙ୍କ୍ କରିବା ବାଧ୍ୟତାମୂଳକ କରାଯାଇଥିଲା। ତେବେ ଏହାର ସମୟସୀମା ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଥର ବୃଦ୍ଧି କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ଧାର୍ଯ୍ୟ ସମୟ ମଧ୍ୟରେ ରାସନ କାର୍ଡକୁ ଆଧାର ସହିତ ଲିଙ୍କ୍ କରିବାକୁ ପଡିବ କିମ୍ବା ଆଧାର ନ ଥିବା ହିତାଧିକାରୀଙ୍କୁ ଏଥିପାଇଁ ଆବେଦନ କରିବାକୁ ପଡିବ। ଏହାର ପ୍ରମାଣ ଦାଖଲ କରିବାକୁ ପଡିବ। ଅଧିକାଂଶ ପିଡିଏସ୍ ଗ୍ରାହକ ସେମାନଙ୍କ ରାସନ କାର୍ଡକୁ ଆଧାର ସହିତ ଲିଙ୍କ୍ କରିସାରିଛନ୍ତି। ରାସନ କାର୍ଡର ଇ-କେୱାଇସି କରିବାକୁ, ଆପଣଙ୍କର ଆଧାର କାର୍ଡ ଅପଡେଟ୍ ହେବା ଉଚିତ। ଏଥିରେ ପ୍ରବେଶ କରିଥିବା ବାୟୋମେଟ୍ରିକ୍ ବିବରଣୀ ଅନୁଯାୟୀ ରାସନ କାର୍ଡ ଅପଡେଟ୍ ହେବ। ଯଦି ଆପଣଙ୍କର ଆଧାର କାର୍ଡ ଅପଡେଟ୍ ହୋଇନାହିଁ ତେବେ ଆପଣଙ୍କୁ ପ୍ରଥମେ ଏହାକୁ ଅପଡେଟ୍ କରିବାକୁ ପଡିବ। ରାସନ କାର୍ଡର ଇ-କେୱାଇସି ପାଇଁ ଆପଣ ଯେଉଁଠାରୁ ରାସନ ପାଇବେ ସେହି କେନ୍ଦ୍ରକୁ ଯିବାକୁ ପଡିବ। ତଥାପି, ଆପଣ ଅନଲାଇନରେ ରେସନ କାର୍ଡ ସୂଚନା ମଧ୍ୟ ଯାଞ୍ଚ କରିପାରିବେ। ପ୍ରତ୍ୟେକ ରାଜ୍ୟ ପାଇଁ ଏକ ପୃଥକ ସାଇଟ୍ ସୃଷ୍ଟି କରାଯାଇଛି। ସମସ୍ତ ସୂଚନା ପ୍ରବେଶ କରିବା ପରେ ଆପଣ ରାସନ କାର୍ଡ ସୂଚନା ଯାଞ୍ଚ କରିପାରିବେ।

# ଆମାଜନ ‘ହ୍ୟାକ୍ ଟୁ ଫ୍ୟୁଚର’ ହ୍ୟାକଥନ୍ ବିଜେତା ପୁରସ୍କୃତ

ଭୁବନେଶ୍ୱର, ୧୨।୬(ସମିସ): ଆମାଜନ ଇଣ୍ଡିଆ ଏହାର ଅଣ-ଲାଭ ସହଯୋଗୀ କ୍ୱେଷ୍ଟ ଆଲାଇନ୍ସର ସହଯୋଗରେ ଆଜି ଭୁବନେଶ୍ୱରରେ ‘ହ୍ୟାକ୍ ଟୁ ଫ୍ୟୁଚର’ ହ୍ୟାକଥନ୍ ବିଜେତାମାନଙ୍କୁ ପୁରସ୍କୃତ କରିଛି। କଟକ, ଭଦ୍ରକ, ଗଞ୍ଜାମ, ମୟୂରଭଞ୍ଜ, ଏବଂ ରାୟଗଡା ଜିଲ୍ଲାର ସରକାରୀ ମାଧ୍ୟମିକ ବିଦ୍ୟାଳୟର ୨୭ ଜଣ ଛାତ୍ର ଲିଙ୍ଗ, ଅକ୍ଷମତା ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଅଭିନବ ସମାଧାନର ବିକାଶ ପାଇଁ ରାଜ୍ୟ ସ୍ତରୀୟ ହ୍ୟାକଥନରେ ଅଂଶଗ୍ରହଣ କରିଥିଲେ। ଏହି ପ୍ଲାଟଫର୍ମ ଯୁବକମାନଙ୍କୁ ଧାରଣା ଆଦାନ ପ୍ରଦାନ, ବିଭିନ୍ନ ଟେକ୍ନୋଲୋଜି ସହିତ ହ୍ୟାଣ୍ଡ-ଅନ୍ ଅଭିଜ୍ଞତା ହାସଲ କରିବା ଏବଂ ଏକାଧିକ ଷ୍ଟେମ୍ ସମ୍ବନ୍ଧୀୟ କ୍ୟାରିୟର ସୁଯୋଗ ବୁଝିବାରେ ସକ୍ଷମ କରିଥିଲା। ସମସ୍ତ ଛାତ୍ରଙ୍କୁ ଏକ ସାର୍ଟିଫିକେଟ୍ ସହିତ ସମ୍ମାନିତ କରାଯାଇଥିଲା ଏବଂ ସେମାନେ ନିର୍ମାଣ କରିଥିବା ପ୍ରୋଟୋଟାଇପ୍ ଅନୁଯାୟୀ ଅନ୍ତର୍ଭୁକ୍ତ ଚାମ୍ପିଅନ୍, ଇନୋଭେସନ୍ ଚାମ୍ପିଅନ୍, ଗ୍ରୀନ୍ ଚାମ୍ପିଅନ୍, ଟେକ୍ ଚାମ୍ପିଅନ୍ ଭଳି ଟାଇଟଲ୍ ପ୍ରଦାନ କରାଯାଇଥିଲା। ଓଡିଶାରେ ଚାଲିଥିବା ଆମାଜନ ଫ୍ୟୁଚର ଇଞ୍ଜିନିୟର ପ୍ରୋଗ୍ରାମର ଏକ ଅଂଶ ଭାବରେ ଏହି ହାକାଥନ୍ ଆୟୋଜିତ ହୋଇଥିଲା।

# ସନ୍‌ଫିଷ୍ଟ ‘ଯିପି ଟସ୍’ ଆରମ୍ଭ

ଭୁବନେଶ୍ୱର,୧୨।୬



ଏବେ ସର୍ବତ୍ର କ୍ରିକେଟମାନିଆ ଚାଲିଥିବାବେଳେ ଯଶପ୍ରୀତ ବୁମ୍‌ରା ଓ ସୂର୍ଯ୍ୟକୁମାର ଯାଦବ ସେମାନଙ୍କର ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡଲ୍‌ରେ ‘ଦି ଟସ୍’ ସମ୍ପର୍କରେ କଣ ମଜାଦାର ପୋଷ୍ଟ କରୁଛନ୍ତି ତାହା ଜାଣିବାକୁ ଇଣ୍ଟରନେଟ୍‌ରେ ଜନସାଧାରଣଙ୍କ ବିପୁଳ ଆଗ୍ରହ ଦେଖିବାକୁ ମିଳୁଛି। ଖେଳାଳିମାନଙ୍କର ପତ୍ନୀଗଣ ମଧ୍ୟ ତାହା ପରେ ପରେ ଖୁବଶୀଘ୍ର ସେ ସମ୍ପର୍କରେ ପୋଷ୍ଟ କରିବା ନେଇ ଆଗ୍ରହ ଶୀର୍ଷରେ ପହଞ୍ଚିଛି। ବହୁ ଆକାଉଣ୍ଟ ସାମାଜିକ ଗଣମାଧ୍ୟମରେ ସକ୍ରିୟ ହୋଇ ‘ଟସ୍ କହିଲେ କଣ’ ତାହା ଜାଣିବାକୁ ସେମାନଙ୍କର ଆଗ୍ରହ ପ୍ରକାଶ କରିଥିଲେ। ଜନସାଧାରଣଙ୍କ ଦ୍ୱାରା ବ୍ୟାପକ କଳ୍ପନାଜଳ୍ପନା କରାଯାଉଥିବାବେଳେ ଏ ସମ୍ପର୍କିତ କଥୋପକଥନ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ସାମାଜିକ ଗଣମାଧ୍ୟମରେ ନିୟୁତାଧିକ ଦର୍ଶକ ତାହାକୁ ଦେଖିଥିଲେ ଏବଂ ତାହା ଭାଇରାଲ୍ ହୋଇଯାଇଥିଲା।

# ହାୟର ଇଣ୍ଡିଆର ନୂତନ ଗ୍ରାଫାଇଟ ରେଫ୍ରିଜେରେଟର

ଭୁବନେଶ୍ୱର,୧୨।୬(ସମିସ): ହାୟର ଆପ୍ଲାଏନସେସ ଏହାର ଗ୍ରାଫାଇଟ ସିରିଜ୍ ଉନ୍ମୋଚନ କରିଛି। ଏକ ପ୍ରିମିୟମ ରେଞ୍ଜ ଷ୍ଟିଲ ଡୋର ରେଫ୍ରିଜେରେଟର ସହ ଏକ ମ୍ୟାଟ ଫିନିଶ ଓ ଆଧୁନିକ ଡିଜାଇନ ଆଧୁନିକ ଭାରତୀୟ ଗୃହର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ। ଏହି ସିରିଜ ୨୦୫ଲିରୁ ୬୦୨ଲି ପର୍ଯ୍ୟନ୍ତ କ୍ଷମତାରେ ଉପଲବ୍ଧ। ପ୍ରିମିୟମ, ଆଧୁନିକ ଡିଜାଇନ ଓ ୱାଇଫାଇ ସକ୍ଷମ ସ୍ମାର୍ଟ ରେଫ୍ରିଜରେଟର ଷ୍ଟାବିଲାଇଜେଶନ ମୁକ୍ତ ପରିଚାଳନା ପାଇଁ ଉତ୍ପାଦର ନିର୍ଭରଯୋଗ୍ୟତା ଓ କ୍ରମାଗତ ଥଣ୍ଡା ପାଇଁ ଏହା କାର୍ଯ୍ୟ ଜାରି ରଖେ। ଏହା ଡିଓ ଫ୍ରେଶ ଟେକନୋଲୋଜି ନିର୍ମିତ ହୋଇଥିବାରୁ ଦୁର୍ଗନ୍ଧ ଦୂର କରେ ଓ ୨୧ ଦିନ ପର୍ଯ୍ୟନ୍ତ ଫ୍ରେଶ ହୋଇ ରୁହେ। ଏହି ଗ୍ରାଫାଇଟ ସିରିଜ୍ ଉଭୟ ଅନଲାଇନ ରିଟେଲ ଚ୍ୟାନେଲ୍ ଏବଂ ଅଫଲାଇନରେ ଉପଲବ୍ଧ ହେଉଥିବାବେଳେ ଏହାର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୨୪,୬୯୦ଟଙ୍କା ଏବଂ ସାଇଡ଼ ବାଏ ସାଇଡ଼ ରେଞ୍ଜର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୧,୧୩, ୯୯୦ ଟଙ୍କା ରହିଛି। ଏହି ସମ୍ପର୍କରେ ସୂଚନା ଦେଇ ହାୟର ଆପ୍ଲାଏନସ ଇଣ୍ଡିଆର ଅଧ୍ୟକ୍ଷ, ଏନଏସ ସତୀଶ କହିଛନ୍ତି ଯେ, ହାୟରରେ ଆମେ ଏକ ସ୍ଥାୟୀ ପ୍ରତିବଦ୍ଧତା ଗ୍ରାହକ ଉପଯୋଗୀ ଅଭିନବ ସମାଧାନ ପ୍ରଦାନ କରିବାକୁ ଚେଷ୍ଟା କରିଛୁ।




# ଜିଏସ୍‌ଟି ଅଧୀନକୁ ଆସିପାରେ ପେଟ୍ରୋଲ, ଡିଜେଲ

ନୂଆଦିଲ୍ଲୀ,୧୨।୬(ଏଜେନ୍ସି)




**କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଦେଲେ ସଙ୍କେତ**

ନୂଆ ସରକାର ଗଠନ ପରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହାର୍ଦ୍ଦିକ ସିଂ ପୁରୀ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଏଥର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ଅଧୀନରେ ପେଟ୍ରୋଲ, ଡିଜେଲ ଏବଂ ପ୍ରାକୃତିକ ଗ୍ୟାସ ଭଳି ଉତ୍ପାଦଗୁଡିକୁ ଆଣିବା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ଉଦ୍ୟମ କରିବେ। ଏହାଦ୍ୱାରା ସାଧାରଣ ଲୋକଙ୍କୁ ବହୁତ ଆରାମ ମିଳିବ।

ଜିଏସ୍‌ଟି ପରିସରକୁ ପେଟ୍ରୋଲ ଏବଂ ଡିଜେଲ ପରି ଇନ୍ଧନ ଆଣିବା ପାଇଁ ଏହି ପ୍ରୟାସ ନୂଆ ନୁହେଁ। ଜିଏସ୍‌ଟି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଏବଂ ଜିଏସ୍‌ଟି ପରିଷଦର ପରବର୍ତ୍ତୀ ଗଠନ ହେବା ପରଠାରୁ ଏଥିପାଇଁ ପ୍ରୟାସ କରାଯାଉଛି। ଜିଏସ୍‌ଟି ପରିଷଦର ପ୍ରାୟ ପ୍ରତ୍ୟେକ ବୈଠକରେ ଏହି ପ୍ରସଙ୍ଗ ଆଗତ କରାଯାଇଛି। ହଲେ ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଟ୍ ରାଜ୍ୟ ସରକାରଙ୍କ ପାଇଁ ଏକ ପ୍ରମୁଖ ଉତ୍ସ ହୋଇଥିବାରୁ ଏ ପର୍ଯ୍ୟନ୍ତ ରାଜ୍ୟଗୁଡିକ ମଧ୍ୟରେ ଏ ନେଇ ସହମତି ହୋଇପାରିନାହିଁ। ଏଭଳି ପରିସ୍ଥିତିରେ ଜିଏସ୍‌ଟି ଅଧୀନରେ ଆସୁଥିବା ଯୋଗୁ ପେଟ୍ରୋଲ ଏବଂ ଡିଜେଲ କ୍ଷେତ୍ରରେ ରାଜ୍ୟ ସରକାରମାନେ ସେମାନଙ୍କ ରାଜସ୍ୱ କ୍ଷତିର ସମ୍ମୁଖୀନ ହେବାକୁ ଚାହାଁନ୍ତିନାହିଁ। ତଥାପି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ବର୍ଷ ନଭେମ୍ବରରେ କହିଥିଲେ ଯେ ଗ୍ରାହକମାନେ ଜିଏସ୍‌ଟି ଅଧୀନକୁ ପେଟ୍ରୋଲ ଏବଂ ଡିଜେଲ ଆଣି ଅଧିକ ଲାଭବାନ ହେବେ। ଏଥିସହିତ, ଦେଶରେ ଏଥିପାଇଁ ବିଭିନ୍ନ ମୂଲ୍ୟ ଦେବାକୁ ପଡିବନାହିଁ। ଜିଏସ୍‌ଟି ଅଧୀନରେ ପେଟ୍ରୋଲ ଏବଂ ଡିଜେଲ ଆଣିବା ସହିତ ପେଟ୍ରୋଲିୟମ ମନ୍ତ୍ରୀ କହିଛନ୍ତି ଯେ ସରକାର ୨୦୩୦ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ କରିବାକୁ ଲକ୍ଷ୍ୟ ରଖିଛନ୍ତି, କିନ୍ତୁ ବର୍ତ୍ତମାନ ଏହା ଆସନ୍ତା ବର୍ଷ ଅର୍ଥାତ୍ ୨୦୨୫ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଏଥିସହ ସେ କହିଛନ୍ତି ଯେ ପେଟ୍ରୋଲିୟମ କ୍ଷେତ୍ରର ପିଏସ୍‌ୟୁଗୁଡିକର ଅଂଶଧନ ବିକ୍ରି କରିବା ସପକ୍ଷରେ ସରକାର ନାହାଁନ୍ତି।

# ପିମ୍ପ୍ରିରେ ଜୟଆଲୁକ୍କାସର ନୂଆ ଶୋ’ ରୁମ୍

ଭୁବନେଶ୍ୱର,୧୨।୬(ସମିସ)

ବିଶ୍ୱର ଅଗ୍ରଣୀ ଜୁଏଲର ଜୟଆଲୁକ୍କାସ୍ ପୁଣେ ସ୍ଥିତ ପିମ୍ପ୍ରିଠାରେ ଏହାର ନୂଆ ଶୋ’ ରୁମ୍ ଖୋଲିଛି। ଏହି ଶୋ’ ରୁମ୍‌କୁ କୋହିନୂର ଗ୍ରୁପର ଅଧ୍ୟକ୍ଷ ତଥା ଏମ୍‌ଡି କ୍ରିଷ୍ଣ କୁମାର ଗୋୟଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ସୋନାଲୀ କୁଲକର୍ଣ୍ଣୀ, କୋହୀନୂର ଗ୍ରୁପର ଜେଏମ୍‌ଡି ବିନୀତ୍ ଗୋୟଲ, ଜୟଆଲୁକ୍କାସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥୋମାସ୍ ମାଥ୍ୟୁ, ଜୟଆଲୁକ୍କାସର ସିଓଓ ହେନ୍‌ରୀ ଜର୍ଜ, ରିଟେଲ ମ୍ୟାନେଜର ରାଜେଶ କ୍ରିଷ୍ଣନ୍, ଡିଜିଏମ୍ ମାର୍କେଟିଂ ଅନୀଶ ଭର୍ଗୀଜ୍, ରିଜିଓନାଲ ମ୍ୟାନେଜର ସୁନୀଲ ପିଏସ୍ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।



